ଧରିତ୍ରୀ
DHARITRI
June 15-21, 2025 ₹ 2/-
ଧରିତ୍ରୀ DHARITRI 51 Years

ଛୁଟିଦିନ



# ଅପହଞ୍ଚ ଆକାଶ

ଗେହ୍ଲା ଝିଅର ବାପାଙ୍କ ପାଇଁ
କିଛି କଥା; ଯାହା ସେ
ତାଙ୍କୁ କେବେ କହିପାରିନି
କି ଭବିଷ୍ୟତରେ ଆଉ
କେବେ କହିବାର ସୁଯୋଗ ବି
ତା'ପାଖରେ ନାହିଁ କାରଣ
ଆକାଶଠୁ ବଡ ବାପା ତା' ପାଇଁ
ଏବେ ଅପହଞ୍ଚ ଦୂରତାରେ...

୩
ପ୍ରଚ୍ଛଦ ପ୍ରସଙ୍ଗ

# ବାସ୍ତୁ ଅନୁସାରେ ବଗିଚା

ଘରର ପରିବେଶକୁ ନିର୍ମଳ ଆଉ ସୁସ୍ଥ ରଖିବା ସହ ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିବାରେ ବଗିଚାର ବି ରହିଥାଏ ଗୁରୁତ୍ୱପୂର୍ଣ୍ଣ ଭୂମିକା। ଆଉ ଯଦି ଏହି ବଗିଚାର ସବୁ ଜିନିଷକୁ ବାସ୍ତୁ ଅନୁଯାୟୀ ସଜାଯାଏ, ତା'ହେଲେ ଏହା ଘର ପାଇଁ କି ଉପକାର ଆଣିଥାଏ ଜାଣନ୍ତୁ ସେ ସମ୍ପର୍କରେ...



*ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରର ବଗିଚା ପାଇଁ ଉତ୍ତର ତଥା ପୂର୍ବ ଦିଗ ହେଉଛି ସର୍ବୋତ୍ତମ। କୁହାଯାଏ, ଘରର ଉତ୍ତର ଦିଗରେ ବଗିଚା ରହିଲେ ଘର ଲୋକଙ୍କର ଉନ୍ନତି ହୋଇଥାଏ। ବିଶେଷକରି ଏହି ଦିଗରେ ଥିବା ବଗିଚାରେ ତୁଳସୀ ଗଛ ରହିଲେ ଶୁଭ ଫଳ ମିଳିଥାଏ।

* ଉତ୍ତର ଦିଗରେ ଥିବା ବଗିଚାରେ ଛୋଟ ଛୋଟ ଗଛ ତଥା ବିନା କଣ୍ଟା ବାଲା ଗଛ ଲଗାଇବା ଶୁଭ ହୋଇଥାଏ।

* ବଗିଚାରେ ୱାଟର୍ ଫାଉଣ୍ଟେନ୍ ଲଗାଇବାର ଇଚ୍ଛା ଥିଲେ ଏହାକୁ ବି ଆପଣ ଚାହିଁଲେ ଉତ୍ତର ଦିଗରେ ଥିବା ବଗିଚାରେ ଲଗାଇପାରିବେ।

* ଅନ୍ୟପକ୍ଷେ ପୂର୍ବ ଦିଗରେ ଥିବା ବଗିଚାରେ ଫଳ ହେଉଥିବା ଗଛ ଲଗାଇଲେ ଭଲ ଲାଭ ହୋଇଥାଏ। ଆଉ ଯଦି ଏହି ଦିଗରେ କିଛି ଛୋଟ ଛୋଟ ଗଛ ଲଗାଇବାକୁ ଚାହୁଁଥାନ୍ତି, ତା'ହେଲେ କୁଣ୍ଡରେ ଏହାକୁ ଲଗାଇ ରଖିପାରିବେ।

* ଯଦି ଉତ୍ତର କିମ୍ବା ପୂର୍ବ ଦିଗରେ ବଗିଚା କରିବା ପାଇଁ ସୁବିଧା ନାହିଁ, ତା'ହେଲେ ସେ କ୍ଷେତ୍ରରେ ଦକ୍ଷିଣ କିମ୍ବା ପଶ୍ଚିମ ଦିଗରେ ବଗିଚା କରିପାରିବେ। କିନ୍ତୁ ଏହି ବଗିଚାରେ ଲାଗିଥିବା ଗଛ ଘରର କାନ୍ଥକୁ ନଲାଗି ଟିକେ ଛାଡିକି ରହିଲେ ଭଲ।

* ସେହିପରି ଘରର ମୁଖ୍ୟଦ୍ୱାର ଯଦି ପଶ୍ଚିମ କିମ୍ବା ଦକ୍ଷିଣ ଦିଗକୁ ରହିଥାଏ, ତା'ହେଲେ ଉକ୍ତ ଦ୍ୱାର ନିକଟରେ କୌଣସି ଲତା ଜାତୀୟ ଗଛ ଲଗାଇ ଘରର ବାସ୍ତୁଦୋଷକୁ ଦୂର କରାଯାଇପାରେ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁନ୍ ୧୫-୨୧, ୨୦୨୫

**ମେଷ**: ନୂତନ କର୍ମାରମ୍ଭ, ବନ୍ଧୁଙ୍କ ସହଯୋଗ, କାରବାରରେ ଉନ୍ନତି, ଲକ୍ଷ୍ୟହୀନ ଯାତ୍ରା, ଦୂରଯାତ୍ରା ପାଇଁ ପ୍ରସ୍ତୁତି, ମନ ଭାରାକ୍ରାନ୍ତ ରହିବ, ଲୋକସମ୍ପର୍କ ବୃଦ୍ଧି, ନିଷ୍ପତ୍ତି ବଦଳାଇପାରନ୍ତି, ଶାରୀରିକ ସୁସ୍ଥତା, ଶତ୍ରୁ ଉପଦ୍ରବ ହ୍ରାସ, ଟେନ୍‌ସନ ବଢ଼ିବ ॥

**ବୃଷ**: ଅସୁବିଧା ଦୂର ହେବ, ନୂତନ ମିତ୍ରତା ସୃଷ୍ଟି, ସଭାସମିତିକୁ ନିମନ୍ତ୍ରଣ, ଅତିଥି ସେବାର ସୁଯୋଗ, ସୌଖୀନ ଦ୍ରବ୍ୟ କ୍ରୟ, ବକେୟା ଅର୍ଥପ୍ରାପ୍ତି, ବନ୍ଧୁଙ୍କ ପରାମର୍ଶ, ନୂଆ ସମ୍ପର୍କ ଯୋଡ଼ିବେ, ସହକର୍ମୀ ଭୁଲ୍ ବୁଝିବେ, ଭ୍ରାତୃ ବିବାଦ ବୃଦ୍ଧି ॥

**ମିଥୁନ**: ସ୍ୱାସ୍ଥ୍ୟରେ ଅବନତି, ଅତୀତ ଘଟଣାର ସମୀକ୍ଷା, ମୂଲ୍ୟବାନ୍ ଦ୍ରବ୍ୟ କ୍ରୟ, ଶୁଭ ଖବର ପାଇବେ, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି, ହୃଦ୍‌ସମ୍ପର୍କ ଯୋଡ଼ି ହୋଇଯିବ, ଦ୍ରବ୍ୟହାନୀରୁ ଅନୁତାପ, ଆଶାବାଦୀ ହେବେ, କଳାସାହିତ୍ୟରେ ଉନ୍ନତି, ଦୂରଯାତ୍ରା କରିପାରନ୍ତି ॥

**କର୍କଟ**: କାର୍ଯ୍ୟସ୍ଥଗିତ ରହିବ, ଭୁଲ୍‌କାମ କରିପାରନ୍ତି, ଅର୍ଥସଂକଟ ଦୂର ହେବ, ଦ୍ରବ୍ୟ ନଷ୍ଟରୁ କ୍ଷୋଭ, ପରିସ୍ଥିତି ବଦଳିପାରେ, କାମରେ ଅନ୍ତରାୟ, ସହକର୍ମୀଙ୍କ ଅସହଯୋଗ, ମକଦ୍ଦମାରୁ ଟେନ୍‌ସନ ॥

**ସିଂହ**: କର୍ମକ୍ଷେତ୍ରରେ ଗୌରବ, ବୈଷୟିକ ଅଭିବୃଦ୍ଧି, ଅଶୌଚ ଖବର ପାଇପାରନ୍ତି, ଲକ୍ଷ୍ୟସ୍ଥଳରେ ପହଞ୍ଚିବେ, ପରିବାରରେ ବ୍ୟତିକ୍ରମ, ବୁଝାମଣା ନେଇ ତିକ୍ତତା, ଶ୍ରମଜନିତ କ୍ଳାନ୍ତିବୋଧ, ଧର୍ମକାର୍ଯ୍ୟ ପାଇଁ ପ୍ରେରଣା ॥

**କନ୍ୟା**: ବନ୍ଧୁଙ୍କ ପ୍ରତି ସନ୍ଦେହ, ସମାଲୋଚିତ ହେବେ, ଭୁଲ୍ ବୁଝିପାରନ୍ତି, ଟେନସନ୍ କମିଯିବ, ତିର୍ଥାଟନର ଚିନ୍ତା, ସମସ୍ୟାଗ୍ରସ୍ତ ହୋଇପାରନ୍ତି, ମାନସିକ ଶାନ୍ତି, ଅଭିଳଷିତ ଜିନିଷ ପ୍ରାପ୍ତି, ଆମୋଦ ପ୍ରମୋଦର ମଉକା, ମିତ୍ରତା ବୃଦ୍ଧି ॥

**ତୁଳା**: ମାନସିକ ସୁସ୍ଥତା, ଋଣଗ୍ରସ୍ତ ହେବେ, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ଯାନବାହନରେ ତ୍ରୁଟି, ଯାତ୍ରା ବାଧାପ୍ରାପ୍ତ ହେବ, ମାନସିକ ଅସ୍ଥିରତା, ଅନିଦ୍ରା ଜନିତ କ୍ଳେଶ, ସମସ୍ୟା ସୁଧୁରିଯିବ, ଦ୍ରବ୍ୟ ଲାଭରୁ ଆନନ୍ଦ, ବନ୍ଧୁବର୍ଗଙ୍କ ସହାନୁଭୂତି, କର୍ମମୁଖର ହେବେ ॥

**ବିଛା**: କାର୍ଯ୍ୟହାନୀରୁ ଅନୁତାପ, ଘରୋଇ କଳହ, ଅର୍ଥ ପାଇବେ, କାମଟି ବିଳମ୍ବରେ ହେବ, ନିର୍ମାଣ କାର୍ଯ୍ୟରେ ଦ୍ୱନ୍ଦ୍ୱ, ବନ୍ଧୁ କେହି ଆସିପାରନ୍ତି, ଅପ୍ରିୟ ସତ୍ୟରୁ ଅଶାନ୍ତି, ଧନହାନୀ ଘଟିପାରେ, ପାରିବାରିକ ଶାନ୍ତି, ଦୁଃଶ୍ଚିନ୍ତା ଦୂର ହେବ, ବ୍ୟବସାୟିକ ଉନ୍ନତି ॥

**ଧନୁ**: ମାନସିକ ସୁସ୍ଥତା, ଶୁଭ ଖବର ପାଇବେ, ଋଣ ପରିଶୋଧ କରିବେ, କଚେରୀ ମାମଲା, ଆଇନ ସହାୟତା ପ୍ରାପ୍ତି, ସଭାସମିତିକୁ ନିମନ୍ତ୍ରଣ, ନୂତନ ମିତ୍ରତା, ବୈବାହିକ ଆଲୋଚନା, ସମ୍ପର୍କ ବୃଦ୍ଧି ପାଇବ, ରୋଗପୀଡାନୁଭବ, ବନ୍ଧୁଙ୍କ ପ୍ରତାରଣା, ପ୍ରତିକ୍ଷିତ ଖବର ପାଇବେ ॥

**ମକର**: କର୍ମକ୍ଷେତ୍ରରେ ବିବାଦ, କୈଫିୟତ ତଲବ, ସହକର୍ମୀଙ୍କ ଅସହଯୋଗ, ବନ୍ଧୁ ଭୁଲ୍ ବୁଝିବେ, ଦୂରସ୍ଥାନକୁ ଯାତ୍ରା, ସ୍ୱାସ୍ଥ୍ୟରେ ସମସ୍ୟା, ମନୋରଞ୍ଜନର ମଉକା, ଉଚ୍ଚସମ୍ମାନ ପାଇବେ, ଅର୍ଥ ସଙ୍କଟ ଟଳିଯିବ, ବାଣିଜ୍ୟରେ ସଫଳତା, ବିଦେଶଯାତ୍ରାର ସୁଯୋଗ ॥

**କୁମ୍ଭ**: କାମରେ ଅବହେଳା, ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ୍ୟ, ରାଜନୈତିକ ପୃଷ୍ଠପୋଷକତା, ଭ୍ରାତୃସମ୍ପର୍କ ବଢିବ, ଭ୍ରମଣ ସୁଯୋଗ ପାଇବେ, ମାନସିକ ଅବସାଦ, ଯାତ୍ରାରେ ଅଭିଳଷିତ ଫଳ, ଶିଳ୍ପବାଣିଜ୍ୟରେ ଉନ୍ନତି, ପରିବହନରୁ ଲାଭ, କଳାପ୍ରିୟ ହେବେ ॥

**ମୀନ**: ଆନୁଷ୍ଠାନିକ କର୍ମାରମ୍ଭ, ଯାତ୍ରାରେ ସଫଳତା, ଆତ୍ମୀୟ ମାନେ ଦୁରେଇବେ, ନୂତନ ଯୋଜନାରମ୍ଭ, ଶୁଭେଚ୍ଛୁଙ୍କ ପ୍ରେରଣା, ପଡୋଶୀଙ୍କ ସହଯୋଗ, ସାମାଜିକ ସମ୍ମାନ, ଦ୍ୱନ୍ଦ୍ୱର ଅବସାନ, ଆଶଙ୍କା ଦୂର ହେବ, ମନ ଖୁସି ରହିବ, ସାଂସ୍କୃତିକ କାର୍ଯ୍ୟକ୍ରମ ॥

# ଶୁଭ କଳସର ମହତ୍ତ୍ୱ

କୁହାଯାଏ, ଘରୁ ବାହାରିବା ସମୟରେ ଶୁଭ କଳସ ବା ଜଳପୂର୍ଣ୍ଣ କୁମ୍ଭ ଦେଖିକି ଗଲେ କାର୍ଯ୍ୟସିଦ୍ଧି ହୋଇଥାଏ। ସେଥିପାଇଁ ଅନେକେ ଘରର ମୁଖ୍ୟଦ୍ୱାର ନିକଟରେ ଶୁଭ କଳସ ରଖିଥାନ୍ତି। ତେବେ ଏହି ଶୁଭ କଳସକୁ ମୁଖ୍ୟ ଦ୍ୱାରର ବାମପଟେ ରଖିବା ଅତ୍ୟନ୍ତ ଶୁଭ ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। ଆବଶ୍ୟକ ସ୍ଥଳେ ଏହାକୁ ମୁଖ୍ୟ ଦ୍ୱାରର ଡାହାଣ ପଟେ କିମ୍ବା ଦ୍ୱାରର ସମ୍ମୁଖ ଭାଗରେ ବି ରଖିପାରିବେ। ଧ୍ୟାନ ଦେବେ ଶୁଭ କଳସକୁ ସବୁବେଳେ ଏମିତି ସ୍ଥାନରେ ରଖୁଥିବେ, ଯେମିତିକି ଘରକୁ ଯିବାଆସିବା ସମୟରେ ସମସ୍ତଙ୍କର ନଜର ଏହା ଉପରେ ପଡୁଥିବ। ଏପରି କରିବା ଦ୍ୱାରା ସକରାତ୍ମକ ପ୍ରଭାବ ପଡିଥାଏ ବୋଲି ବିଶ୍ୱାସ କରାଯାଏ। ସେହିପରି ମୁଖ୍ୟ ଦ୍ୱାରର କାନ୍ଥକୁ ଲାଗି ଯଦି ଚଉରା ରହିଛି, ତା'ହେଲେ ଚଉରାର ମଣ୍ଡପ ଉପରେ ବି ଏହି ଶୁଭ କଳସକୁ ରଖିପାରିବେ। କୁହାଯାଏ, ପ୍ରତିଦିନ ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନସାରି ପ୍ରଥମେ ସୂର୍ଯ୍ୟ ଦେବତାଙ୍କୁ ଜଳ ଅର୍ଘ୍ୟ ଦେଇ ତା'ପରେ ମା' ବୃନ୍ଦାବତୀଙ୍କୁ ପୂଜା କରିବେ ଏବଂ ତତ୍‌ପରେ ମୁଖ୍ୟ ଦ୍ୱାର ନିକଟରେ ଶୁଭ କଳସକୁ ସ୍ଥାପନା କରି ଠାକୁର ପୂଜା କଲେ ପରିବାର ସଦସ୍ୟଙ୍କର କୁଆଡ଼େ ମଙ୍ଗଳ ହୋଇଥାଏ। ଯଦି ସୂର୍ଯ୍ୟୋଦୟ ପୂର୍ବରୁ ଶୁଭ କଳସ ବସାଇବା ସମ୍ଭବ ହେଉନାହିଁ ତା'ହେଲେ ସକାଳର ପ୍ରଥମ ପ୍ରହର ଭିତରେ ଶୁଭ କଳସ ବସାଇବା ବି ଶୁଭଫଳ ଦେଇଥାଏ। ଶୁଭ କଳସରେ ବାସି ଜଳ ରହିବା ଠିକ୍ ନୁହେଁ। ପ୍ରତିଦିନ ପ୍ରାତଃ ସମୟରେ କଳସରେ ଥିବା ପୂର୍ବଦିନର ଜଳକୁ କୌଣସି ଗଛ ମୂଳରେ ଢାଳି ପୂର୍ନଃବାର ଶୁଦ୍ଧ ଜଳରେ ଶୁଭ କଳସ ବସାଇଲେ ଘରର ଉନ୍ନତି ହୋଇଥାଏ ବୋଲି ବାସ୍ତୁବିତ୍‌ମାନେ ମତ ଦେଇଥାନ୍ତି।



# ପାଠକୀୟ

* ଭଙ୍ଗା ଚାଳିଆରେ ମୁଣ୍ଡ ଗୁଞ୍ଜି, ଓଳିଏ ଖାଇ ଦି' ଓଳି ଓପାସ ରହି ବି ଏମାନେ ସଫଳତାର ସ୍ୱପ୍ନ ଦେଖିଛନ୍ତି। ଖାଲି ସ୍ୱପ୍ନ ଦେଖିନାହାନ୍ତି ନାନା ପ୍ରତିକୂଳ ପରସ୍ଥିତିର ସାମ୍ନା କରି କଠିନ ପରିଶ୍ରମ କରିଛନ୍ତି। ସେଇଥିପାଇଁ ତ ଶେଷରେ ସଫଳତା ଏମାନଙ୍କ ପାଦ ଚୁମିଛି। ସବୁ ସୁଖ ସୁବିଧା ପାଉଥିବା ପିଲାଙ୍କୁ ପଛରେ ପକାଇ ଟପ୍ପର ହୋଇଛନ୍ତି। ତେଣୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଅଭାବୀ ହେଲେ ବି ମେଧାବୀ' ଶୀର୍ଷକ ଆଲେଖ୍ୟଟି ବେଶ୍ ହୃଦୟସ୍ପର୍ଶୀ ଥିଲା।

*–ତନୁଜା ସେଠୀ, ପୁରୀ*

* ସଫଳତା କେବେ ଆପେ ଆସି କବାଟ ବାଡ଼ାଇ ନଥାଏ କି କେବଳ ଧନଦଉଲତ ଥିବା ଘରେ ପାଦ ରଖେନା। ଯେ ପର୍ଯ୍ୟନ୍ତ ଜଣେ ଜୀବନର କଷଟି ପଥରରେ ଘଷି ନ ହୋଇଛି, ନାନା ଘାତ ପ୍ରତିଘାତ ନ ସହିଛି, ସେ ପାଇ ପାରେନା ସଫଳତାର ସ୍ୱାଦ। ସେଇଥିପାଇଁ ବୋଧେ ଭଙ୍ଗା ଚାଳିଆରେ ରହୁଥିବା ଏଇ ପିଲାମାନେ ଦାରିଦ୍ର୍ୟର ଘନ ଅନ୍ଧକାର ଭିତରେ ଥାଇ ବି ସଫଳତାର ଆଲୋକକୁ ଛୁଇଁ ପାରିଛନ୍ତି। ଆଉ ପାଲଟିଛନ୍ତି ଅନ୍ଧାର ଆକାଶର ଚିକ୍‌ମିକ୍ ତାରକା। ତେଣୁ ଏଭଳି ଏକ ହୃଦୟଛୁଆଁ ବିଷୟକୁ ନେଇ ପ୍ରସ୍ତୁତ ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ନିଆରା ଥିଲା। *– ଭବାନୀ ସାହୁ, କଟକ*

* ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ କଉଡ଼ି ଜୁଏଲେରୀ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ରଙ୍କ ସଂଘର୍ଷପୂର୍ଣ୍ଣ ଜିବନୀ ସମ୍ପର୍କରେ ପଢି ପ୍ରେରଣା ମିଳିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଫ୍ରିଜ୍' ଶୀର୍ଷକ ଗପଟି ବେଶ୍ ମନଛୁଆଁ ହୋଇଥିଲା।

*– ଦୁର୍ଗାମାଧବ ଦାଶ, ମୟୂରଭଞ୍ଜ*

* ସିନେମା ପୃଷ୍ଠାଟି ଆକର୍ଷଣୀୟ ଲାଗୁଥିଲା। ବିଶେଷକରି ଏଥିରେ ସ୍ଥାନିତ ଭାଗ୍ୟବତୀ ଆଲିୟା, କାରଣ ଖୋଲିଲେ ଦୀପିକା, ବରୁଣଙ୍କ ପ୍ରଶଂସାରେ ମୃଣାଳ ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ଚମତ୍କାର ଥିଲା। ସାହିତ୍ୟିକ ତଥା ଚିତ୍ରକର ଜିତେନ୍ଦ୍ର ପରିଡ଼ାଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବି ଖୁବ୍ ପ୍ରେରଣାଦାୟୀ ଥିଲା।

*– ସୁକାନ୍ତ ମହାନ୍ତି, ରାଉରକେଲା*

* 'ଆମ ହାତରେ ଆମ ଜଙ୍ଗଲ' ଶୀର୍ଷକ ପାଠଟି ଏକ ନିଆରା ଆଲେଖ୍ୟ ଥିଲା। ମଡେଲ୍ ମିରର୍‌ରେ ଶତଦ୍ରୁତି ବେଶ୍ ସୁନ୍ଦରୀ ଦେଖାଯାଉଥିଲେ। ସହର ପୃଷ୍ଠାରୁ ତୀର୍ଥନ ଘାଟି ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିଲା।

*– ଦୀପା ପ୍ରଧାନ, ବଲାଙ୍ଗୀର*

* 'ସିଂହକୁ କାହିଁକି ଜଙ୍ଗଲର ରାଜା କୁହାଯାଏ', ତାହା ବିବିଧା ପୃଷ୍ଠା ପଢି ଜାଣିପାରିଲି। ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ରିଲ୍ ନା ରିୟଲ୍' ଶୀର୍ଷକ ପାଠଟି ବି ଏକ ଭିନ୍ନ ସ୍ୱାଦର ଆଲେଖ୍ୟ ଥିଲା।

*–ରାଜୀବ ଖୁଣ୍ଟିଆ, କଳାହାଣ୍ଡି*



## ବିଶେଷ ଚିଠି

ଅଭାବୀ ହେଲେ ବି ମେଧାବୀ
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ନିଆରା ଯେମିତି
ଦେଉଥିଲା ବାର୍ତ୍ତା ବି ସେମିତି।
ତା'ସାଙ୍ଗକୁ ସାଥୀ, ସୃଜନ
ଓ ସହରଠୁ ଦୂର,
ମନ କିଣି ନେଉଥିଲା ପୁଣି
ତୁମ ସିନେମାର ଖବର।
ହେ ମୋର ପ୍ରିୟ ଛୁଟିଦିନ,
ତୁମେ ଲାଗ ସବୁଠୁ ଭିନ୍ନ।

*–ମନୋଜ ତ୍ରିପାଠୀ, ରାଉରକେଲା*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# ଅପହଞ୍ଚ ଆକାଶ

**ବା**ପା ! ଗୋଟେ ଭରସାର ଉଚ୍ଚାରଣ । ସେଇଥିପାଇଁ ବୋଧେ କୁହାଯାଏ, ବାପା ଥିଲେ ପୁଅ ସଭାରେ ହାରେନା । ଆଉ ଝିଅଟେ ପାଇଁ ବାପା ଅଛନ୍ତି ତ ଦୁନିଆ ଅଛି । ପ୍ରତି ଝିଅଙ୍କ ଆଖିରେ ସେମାନଙ୍କ ବାପା ସୁପର ହିରୋ । ସେ ଚାହିଁଲେ ତା' ପାଇଁ ଆକାଶରୁ ତୋଳି ଆଣିବେ ଜହ୍ନ ତାରା । କିନ୍ତୁ ବଡ଼ ହେଲା ପରେ ଝିଅଟି ବୁଝିଥାଏ ବାପାଙ୍କ ଅସହାୟତା, ତାଙ୍କ ଦୁଃଖ । ସେ କଷ୍ଟ ପାଏ । ଚାହେଁ ବାପାଙ୍କ ପାଇଁ ସେ ଖୋଜି ଆଣିଦେବ ସେ ପାଇ ନଥିବା ସବୁ ସୁଖ ଶାନ୍ତି । ହେଲେ ସମୟ ଆଉ ପରିସ୍ଥିତି ସବୁବେଳେ ତା' ହାତରେ ନଥାଏ । ଆଉ ଏହାରି ଭିତରେ ବାପା ବି ଚାଲିଯାନ୍ତି ଦୂରକୁ । ତାଙ୍କୁ କହି ନ ପାରିବାର ଅବଶୋଷ ଭିତରେ ଛଟପଟ ହେଉଥାଏ ଝିଅଟି । ଏମିତି କେତେଜଣ ଗେହ୍ଲା ଝିଅ ବାପାଙ୍କୁ କହିବାକୁ ଚାହିଁଛନ୍ତି କିଛି କଥା ; ଯାହାକୁ ସେ କେବେ ତାଙ୍କ ଜୀବଦଶାରେ କହିପାରି ନାହାନ୍ତି ।

## ସେ ଅଛନ୍ତି ମୋ ଭିତରେ, ଆଉ ରହିବେ ମୁଁ ଏ ପୃଥିବୀରେ ଥିବାଯାଏ: ହିରଣ୍ମୟୀ ମିଶ୍ର (ବିଶିଷ୍ଟ ସାହିତ୍ୟିକା)

ବାପାଙ୍କୁ ଆମେ ନନା ଡାକୁଥିଲୁ, ରକ୍ଷଣଶୀଳ ବ୍ରାହ୍ମଣ ଶାସନର ପରମ୍ପରା ଅନୁସାରେ । ନନା ଯିବାର ଏଗାର ବର୍ଷ ବିତିଗଲାଣି ଏ ଭିତରେ । ଆଜି ବି ଆଖି ଖୋଲିଲେ ନନା ଆସନ୍ତି ପ୍ରଥମେ ଆଖି ସାମ୍ନାକୁ । ମନ ଭିତରେ କୋଉ ଅତଳ ଥାନରେ ଘର କରି ବସିଥିବା ଦୃଶ୍ୟ ସବୁ ଫିଟିଯାଏ ପଛକୁ ପଛ । ଫୋନରେ ଏବେ କେତେ ଫଟୋ ! ପ୍ରିୟଜନ, ଅଧା ପରିଚିତ, ଅପରିଚିତ– ଏମିତି କେତେ ମଣିଷଙ୍କ ସହ ଫଟୋ । ଅଥଚ ମୋ ନନାଙ୍କ ସହ ମୋର ବେଶି ଫଟୋ ନାହିଁ । ଫଟୋଟିଏ ନାହିଁ ପାଖରେ ଠିଆ ହେବାର କି ବେକରେ ହାତ ଗୁଡେଇ ଗେହ୍ଲା ଝିଅ ହେବାର ପ୍ରମାଣ ଭଳି । ଆଖିର ଲେନ୍ସ ଭିତରେ କିନ୍ତୁ ଅସଂଖ୍ୟ ଅଭୁଲା ଦୃଶ୍ୟ । ମୋ ନନା **ମଦନମୋହନ ମିଶ୍ର** ଜଣେ ଶିକ୍ଷାବିତ୍, ଲେଖକ, ସୁଦକ୍ଷ ବକ୍ତା ଓ ସବୁଠୁ ଆଗରେ ଜଣେ ଖୁବ୍ ଭଲ ମଣିଷ ଥିଲେ । ଆମେ ପାଞ୍ଚ ଭାଇ ଭଉଣୀଙ୍କ ଭିତରେ ମୁଁ ଥିଲି ନନାଙ୍କର ସବୁଠୁ ନିକଟତମ । ଅନେକ କଥା ସେ ମତେ କହିପାରୁଥିଲେ । ମୋର ଅଧ୍ୟାପନା ବୃତ୍ତି ପ୍ରତି ଆକର୍ଷଣ ଓ ଲେଖାଲେଖିର ପ୍ରବୃତ୍ତିର ସେ ହିଁ ପ୍ରକୃତରେ ପ୍ରେରଣା ଥିଲେ । ନନା ମତେ କେବେ ବି ରାଗିଯାଇ ପଦେ ମନକଷ୍ଟ ହେବା ଭଳି କଥା କହିବାର ମନେ ନାହିଁ ମୋର । ଅଥଚ ମୋର ଦୁର୍ଭାଗ୍ୟ ଯେ ତାଙ୍କ ଜୀବନର ଶେଷ ବର୍ଷ ସବୁରେ ମୁଁ ତାଙ୍କ ପାଖକୁ ବହୁତ ବେଶି ଯାଇ ପାରୁ ନ ଥିଲି । ତାଙ୍କଠୁ ଦୂରକୁ ଚାଲି ଆସିବାର ସେ ଅଭିଶପ୍ତ ସମୟସବୁ ମୋ ଜୀବନର ନିବିଡ ଅନ୍ଧାରର ସମୟ । କାହାକୁ ଡରୁଥିଲେ ସେ ? ଏତେ ଦୀର୍ଘ ଦେହୀ, ଅଗାଧ ଜ୍ଞାନର ଅଧିକାରୀ, ପରୋପକାରୀ ଓ ଏତେ ପ୍ରଗତିଶୀଳ ମନୋଭାବର ମଣିଷ ହେଇ ବି ଦମ୍ଭର ସହ ମୋର ଭିନ୍ନ ଜାତିରେ ବିବାହ କରିବାକୁ ସମର୍ଥନ କରିପାରିଲେ ନାହିଁ ? ଏଇ ପ୍ରଶ୍ନର ଏବେ ବି ମୋ ପାଖରେ ଉତ୍ତର ନାହିଁ । ସେଇ ସମୟରେ ସେ ମତେ ନିୟମିତ ଚିଠି ଲେଖୁଥିଲେ, ସମାଜର ନିୟମ ଭାଙ୍ଗି ମୁଁ ଯେଉଁ ଅସହଜ ରାସ୍ତାରେ ପାଦ ଦେଇଥିଲି, ସେତିକିବେଳେ ତାଙ୍କର ଚିଠିସବୁରେ ସେ ମତେ ସାହସ ଦେଉଥିଲେ ମୋ ନିଷ୍ପତ୍ତିର ପ୍ରଭାବକୁ ସାମ୍ନା କରିବାକୁ । ସେଇ ଗୋଟିଏ ଘଟଣା ଜୀବନର ଉତ୍ତୀର୍ଣ୍ଣ ବୟସରେ ମୋଠୁ ଦୂରେଇ ଦେଇଥିଲା ତାଙ୍କୁ । କିନ୍ତୁ ଏବେ ବି ମୋ ପାଖରେ ତାଙ୍କର ସୁନ୍ଦର ହାତଲେଖା ଅକ୍ଷରର ଅସଂଖ୍ୟ ଚିଠି । ଏବେ ବି ମୋ ଫୋନରେ ତାଙ୍କର ନମ୍ବର ରହିଛି । ମୁଁ ଫେଲୋଶିପ୍ ପାଇ ପି.ଏଚ୍‌ଡି. କରିବାକୁ ଇଂଲଣ୍ଡ ଚାଲିଯିବି ଶୁଣି ସେ ଆଉ ନିଜକୁ ଅଟକାଇ ପାରି ନ ଥିଲେ । ପୁରୀ ସମୁଦ୍ରକୂଳର ଛତା ପାଖରେ ଅପେକ୍ଷା କରିଥିଲେ ଦେଖିବାକୁ । ସେଦିନ ତାଙ୍କ ଦେହକୁ ଛୁଇଁ ଦେଇ ମୁଁ ଚମକି ପଡିଲି । ତାଙ୍କ ଦେହରେ ଭୀଷଣ ଜ୍ୱର । ମୁଁ କହିଲି, 'ଏତେ ଜ୍ୱରରେ କାହିଁକି ଆସିଲ ?' ବୋଉ କହିଲା, 'ଯେତେ ମନା କଲେ ଶୁଣିଲେନି ପରା । କହିଲେ ମୋ ଝିଅ ଲଣ୍ଡନ ଯିବ, ମୁଁ ଟିକିଏ ଆଶୀର୍ବାଦ କରିବାକୁ ଯିବି ।' ସେ ମତେ 'ଝିଅ' ଡାକୁଥିଲେ । ଏବେ ବି ତାଙ୍କ ସ୍ୱର ଶୁଣିପାରେ ମୁଁ । ମୋ ନିଜ ନିଷ୍ପତ୍ତିରେ ବିବାହ ପରଠୁ ମୁଁ ଘରକୁ ଯିବା ସମ୍ଭବ ନ ଥିଲା । ନନାଙ୍କ ସହ ଟିକିଏ ଦେଖାହେବା ପାଇଁ କେତେ କେତେ ଜାଗାରେ, କେତେବେଳେ ଷ୍ଟେଶନର ଗହଳିରେ, କେତେବେଳେ ପୁରୀ ଶ୍ରୀମନ୍ଦିରରେ, କେତେବେଳେ ବଡ଼ ଭଉଣୀ ଘରେ ତ କେତେଥର ସମୁଦ୍ର କୂଳକୁ ଦଉଡି ଯାଇଛି, ତା'ର ହିସାବ ନାହିଁ । ଅପେକ୍ଷାର ସେ ଆକୁଳତା ଏବେ ବି ମନେପଡିଲେ ଛାତି ଭିତରେ ନୀରବତା ଘୋଟିଯାଏ । ତା'ପରେ ମୋବାଇଲ ଫୋନ ଆସିଲା, ମୁଁ ତାଙ୍କୁ ଛୋଟ ମୋବାଇଲଟେ ଦେଇଥିଲି । ଇଂଲଣ୍ଡରେ ଥିବାବେଳେ ମୁଁ ପ୍ରାୟ ପ୍ରତିଦିନ କଥା ହେଉଥିଲି । ଫେରିବା ପରଠୁ ସେ ଫୋନ କରନ୍ତି । କେତେବେଳେ କେମିତି ବ୍ୟସ୍ତ ଥିଲେ ଫୋନ ନ ଧରିପାରିଲେ ସ୍ୱାମୀ ଅରୁଣଙ୍କୁ ଫୋନ କରିପକାନ୍ତି । ଏବେ ବି ଜ୍ୱର ହେଲେ ମତେ ଲାଗେ ନନା ବସିଛନ୍ତି ମୋ ମୁଣ୍ଡ ପାଖରେ । ସେଇ ସବୁ ଦିନ ଭଳି ଥରକୁ ଥର ପାଣିପଟି ଦେଉଛନ୍ତି ଆଉ ଥର୍ମୋମିଟରରେ ଜ୍ୱର ମାପୁଛନ୍ତି । ମୁଁ ଏବେ ବି ତାଙ୍କ ସହ କଥା ହେଉଥାଏ, ସୁବିଧା ଆଉ ଅସୁବିଧା ସମୟରେ । ଏବେ ବି ପୂଜାପର୍ବ ଦିନରେ ତାଙ୍କର ହଳଦିଆ ରଙ୍ଗର ମଠା ପିନ୍ଧିବାର ଦୃଶ୍ୟ ଝଲସି ଉଠେ । ଆଜି ବି କୁମାରପୂର୍ଣ୍ଣିମାରେ ମନେପଡେ ନୂଆ ଡ୍ରେସ ପିନ୍ଧି ତାଙ୍କର ପାଦ ଛୁଇଁ ପ୍ରଣାମ କରିବାବେଳେ ତାଙ୍କର ଛଳଛଳ ଆଖିର କୋମଳ ଦୃଷ୍ଟି । ମୋ ନନାଙ୍କର ପାଣ୍ଡିତ୍ୟର ବିନ୍ଦୁଏ ବି ମୋ ପାଖରେ ଉତ୍ତରାଧିକାରରେ ଆସିନାହିଁ । ତାଙ୍କର ଅସମ୍ଭବ ସ୍ମୃତିଶକ୍ତି, ସମସ୍ତଙ୍କୁ ଭଲପାଇବାର କଳା, ଜୀବନ୍ମୟତା, ଏସବୁ ଆମ ଭାଇଭଉଣୀଙ୍କ ପାଖକୁ ଆସିପାରିଲାନି । ହାତରେ ତାଙ୍କର ସବୁବେଳେ ବହିଟିଏ ରହୁଥିଲା । ମାଛ ଖାଇବାକୁ ଭଲ ପାଉଥିଲେ ବୋଲି କେହି କେହି ତିଥି ବା ବାରର ବାରଣ କଲେ ମଜାରେ କହୁଥିଲେ, 'ଚିଲିକା ହ୍ରଦ ସମ୍ଭୁତା ସର୍ବେ ମତ୍ସ୍ୟା ନିରାମିଷାଃ ।' ସେ ଯେତିକି ସଂସାରୀ ଥିଲେ, କାମ କରିବାବେଳେ ସେତିକି ସନ୍ନ୍ୟାସୀ ଥିଲେ । ପୂର୍ବଜନ୍ମ ପରଜନ୍ମରେ ବିଶ୍ୱାସ ନାହିଁ ମୋର । ଏ ଜନ୍ମରେ ତାଙ୍କର ଝିଅ ହେଇ ଜନ୍ମ ହେଇଛି, ଏତିକି ଗୌରବର ଅନୁଭବ ନେଇ ବଞ୍ଚିବାକୁ ଚାହେଁ ମୁଁ । ବାପାର ଅସହାୟତା ବୁଝିବାବେଳକୁ ସେ ନାହାନ୍ତି ମୋ ପାଖରେ । କିଛି ବି କରିନି ମୁଁ ତାଙ୍କ ପାଇଁ । ସଖ୍ୟ ଦେଇପାରିନି ବାର୍ଦ୍ଧକ୍ୟର ଦିନସବୁରେ । ମୋ ଜୀବନ ଟିକିଏ ବ୍ୟବସ୍ଥିତ ହେବା ବେଳକୁ ସେ ନାହାନ୍ତି ମୋ ସହିତ । ହେଲେ ସତରେ କ'ଣ ସେ ନାହାନ୍ତି ? ସବୁକଥା କ'ଣ ସ୍ଥୂଳ ଦୃଷ୍ଟିରେ ଦେଖି ହୁଏ ? ମୋ ନନା, ମୋର ସବୁଠାରୁ ପ୍ରିୟତମ ମଣିଷ, କେମିତି ଛାଡି ଦେଇପାରିବେ ମତେ ଏତେ ସଂଘର୍ଷପୂର୍ଣ୍ଣ ରାସ୍ତାରେ ଏକୁଟିଆ ଚାଲିବାକୁ ? ସେ ଅଛନ୍ତି ମୋ ଭିତରେ, ମୋ ଆଖିର ଉହାଡରେ: ସେ ରହିବେ ମୁଁ ଏ ପୃଥିବୀରେ ଥିବାର ଶେଷ ମୁହୂର୍ତ୍ତଯାଏ ।

## ତମେ ଥିଲାବେଳେ ଅଭିମାନ ଥିଲା, ତମେ ଯିବା ପରେ ଏବେ କେବଳ ଶୂନ୍ୟତା: ଭାସ୍ୱତୀ ବସୁ (ଅଭିନେତ୍ରୀ)

ମୋ ବାବୁଜୀ ନିର୍ଦ୍ଦେଶକ, ଅଭିନେତା ଓ ଚିତ୍ରଶିଳ୍ପୀ **ଅସୀମ ବସୁ** ଜାଣନ୍ତି ଚିଠି ଲେଖିବା ମୋ ପାଇଁ କେତେ କଷ୍ଟକର କାମ । କଲମ ଧରିବାକୁ କହିଲେ ମୋ ହାତ ବ୍ୟଥା ହୁଏ । ହେଲେ ଆଜି ତାଙ୍କ ପାଖକୁ ଲେଖୁଛି । ଲେଖୁଛି କାରଣ ମୁହଁ ଖୋଲି କେବେ କହି ପାରିନି । ଆମେ ପ୍ରଚୁର ଗପୁଥିଲୁ, ସାରା ଦୁନିଆ ବିଷୟରେ, ଛୁଞ୍ଚିରୁ ହାତୀ ଯାଏ... ତଥାପି କେତେ

→





କଥା ଅକୁହା ରହିଗଲା ନା ? ମୁଁ କ'ଣ କେବେ କହିପାରିଲି ଯେ ତମ ଦେହର ବାସ୍ନା ମୋର କେତେ ପସନ୍ଦ ଥିଲା ! ସିଗାରେଟ ଛାଡ଼ିଦେଇଥିଲ ବହୁତ ବର୍ଷ ଆଗରୁ, ତଥାପି ମୁଁ ସିଗାରେଟ ବାସ୍ନା ପାଉଥିଲି। ବୋଧହୁଏ ଏଥିପାଇଁ ଯେ ସେଇଟା ମୋ ପିଲାଦିନର ସ୍ମୃତିର ବାସ୍ନା। ସେତେବେଳେ ତମେ ଅଲଗା ରହୁଥିଲ। ମୁଁ ପଚାରିନି କାହିଁକି ବୋଲି। ତମ ପାଖରେ ଉତ୍ତର ବି ତ ନ ଥିଲା। ଛାଡ଼ ସେ କଥା। ମୋର ମନେ ଅଛି ମୁଁ ସୁଯୋଗ ପାଇଲା ମାତ୍ରେ ଛୁଟି ଯାଉଥିଲି ତମ ପାଖକୁ। ତମେ ବସାରେ ନ ଥିଲେ ତମ ଖଟ ଉପରେ ଶୋଇ ଅପେକ୍ଷା କରୁଥିଲି। ତମ ବିଛଣା ସାରା ବୋଲି ହେଇ ରହୁଥିଲା ତମ ବାସ୍ନା। ମତେ ଲାଗୁଥିଲା ସତେ ଯେମିତି ମୁଁ ତମ କୋଳରେ ଶୋଇଛି। ହେଲେ ତମ ସାଙ୍ଗରେ ଦେଖା ହେଇଗଲେ କେବେ ବି ତମ କୋଳକୁ ଯାଇପାରିନି। ଏଠି ବି ସେଇ ସଙ୍କୋଚ। ଛୋଟ ପିଲାଙ୍କ ଗହଣରେ ତମେ ଖୁବ୍ ପପୁଲାର୍ ଥିଲ। ସବୁ ଛୁଆ ତମର ଫ୍ୟାନ ଥିଲେ। ତମେ ମ୍ୟାଜିକ କରି ଖାଲି ପାପୁଲିରେ ଆଣି ପାରୁଥିଲ ଚକୋଲେଟ୍। ବାଣ୍ଟି ଦେଉଥିଲ ସେମାନଙ୍କ ଭିତରେ। ମୁଁ ଦୂରରୁ ଦେଖୁଥିଲି। ବିଶ୍ୱାସ କର, ଖୁବ୍ ଲୋଭ ଥିଲା ସେଇ ଚକୋଲେଟ ଉପରେ। କିନ୍ତୁ ମୁହଁ ଖୋଲି ମାଗିନି କେବେ ବି। ହସ ହସ ମୁହଁରେ କେବଳ ଦେଖିଛି। ଦୁର୍ବଳ ସିଂକୁ ମନେଅଛି ? ଖୁବ୍ ସୁନ୍ଦର ଦେଖିବାକୁ ଛୋଟିଆ ପିଲାଟିଏ। କିନ୍ତୁ ଏତେ ଦୁର୍ବଳ, ପତଳା ଯେ ଚାଲି ବି ପାରୁ ନ ଥିଲା। ତମକୁ ଦେଖିଲା ମାତ୍ରେ ତା' ମୁହଁରେ ଚହଟି ଯାଉଥିଲା ହସ। ତମେ ହିଁ ତା ନାଁ ଦେଇଥିଲ 'ଦୁର୍ବଳ ସିଂ'। ବାହାରୁ ଆସି ତାକୁ କୋଳରେ ଧରି ବସୁଥିଲ। କବିତା ଶୁଣଉଥିଲ। ମୁଁ ବି ସବଳ ନ ଥିଲି। ଇଚ୍ଛା ହେଉଥିଲା ଆହୁରି ଦୁର୍ବଳ ହେବା ପାଇଁ। ଖୁବ୍ ଖାସ୍ମା ମନେପଡ଼େ, ଖୁବ୍ ସାନବେଳେ ମତେ ବହୁତ ଜ୍ୱର ହେଇଥିଲା। ପିଇସୀଙ୍କ ଘର ପାଖରେ ଡାକ୍ତର ଥିଲେ। ପିଇସା ମତେ ତାଙ୍କ ଘରକୁ ନେଇଗଲେ। ସଞ୍ଜବେଳେ ଯେବେ ଆଖି ଖୋଲିଲି ଭାରି କାନ୍ଦିଲି। କାହିଁକି କେଜାଣି, ମା' ମା' ନ କହି ବାବୁଜୀ ବାବୁଜୀ ହେଇ କାନ୍ଦିଲି। ତମ ପାଖକୁ ଖବର ଗଲା। ତମେ ଆସି ମତେ କୋଳରେ ଉଠେଇ ନେଲ। ମୁଁ ତମ କାନ୍ଧରେ ମୁହଁ ରଖି ଶୋଇଗଲି। ତମ କୋଳର ସ୍ମୃତି। ଏକମାତ୍ର ସ୍ମୃତି। ତମ ଜୀବନର ଶେଷ କିଛି ବର୍ଷ କିନ୍ତୁ ଆମେ ଖୁବ୍ ପାଖାପାଖି ଥିଲେ। ନୁହଁ ? ପୂଜା ପାଖେଇ ଆସିଲେ ଆସୁଥିଲା ପୂଜା ସଂଖ୍ୟା। ମୁଁ କେବେ ବି କିଣୁ ନ ଥିଲି। ସେଇଟା ଥିଲା ତମ କାମ। ବହି ଆଣି ସାରି ମତେ ଫୋନ କରୁଥିଲ– "ତୋ ଖାଦ୍ୟ ଆସିଯାଇଛି। ଆ" ଆମେ ବହିତକ ଭାଗ ବାଣ୍ଟି ପଢୁଥିଲେ। ପଢ଼ିସାରିଲା ପରେ ଚାଲୁଥିଲା ଆଲୋଚନା। ତମ ପାଖରେ ମୁଁ ସବୁ କହିପାରୁଥିଲି। କିଛି ସଙ୍କୋଚ ନ ଥିଲା। କିନ୍ତୁ ନିଜ ଅଭିମାନ ବିଷୟରେ ଏତେ ସଙ୍କୋଚ କାହିଁକି ଥିଲା ? କାହିଁକି କେବେ ମୁହଁ ଖୋଲି କହିନି କିଛି ? ହୁଏତ ମୁଁ ମୁହଁ ଖୋଲିଥିଲେ ତମେ ବି ହୃଦୟ ଖୋଲି ଥାଆନ୍ତ। ତମ ସାନ୍ନିଧ୍ୟ ସମ୍ପୂର୍ଣ୍ଣ ଭାବରେ ଅନୁଭବ କରିବା ବେଳେ ତମ ପାଖାପାଖି ଆସିବା ବେଳେ ହିଁ ମୁଁ ତମକୁ ହରେଇ ଦେଲି। ମୋ ଆଖି ସାମ୍ନାରେ, ଶେଷ ଥର ପାଇଁ ମୋ ଆଖିରେ ଆଖି ମିଶେଇ ହଜିଗଲ ତମେ। ତମ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ମୁଁ ତମ ପାଖରେ ଥିଲି। ସେତକ ହିଁ ମୋ ପ୍ରାପ୍ତି। ତମେ ଥିଲାବେଳେ ଖୁବ୍ ଅଭିମାନ ଥିଲା, ହେଲେ ତମେ ଯିବା ପରେ ରହିଗଲା କେବଳ ଶୂନ୍ୟତା। ଏ ଶୂନ୍ୟତାକୁ ଭରିବାର ଶକ୍ତି କାହାରି ପାଖରେ ନାହିଁ ବାବୁଜୀ। ଏ କେବଳ ତମ ମୋ ଭିତରର କଥା।


ମା' ଓ ବାପାଙ୍କ ସହ ହିରଣ୍ମୟୀ ମିଶ୍ର

## ମୋ ପାଇଁ ଅଖଣ୍ଡ ଭରସାର ନାଁ ମୋ ବାପା:

**ଭବାନୀ ଭୂୟାଁ** (କବି ଓ ସମାଜିକ କର୍ମୀ)

ଯେତେବେଳେ ଅନ୍ୟମାନଙ୍କ ମୁହଁରୁ ମୁଁ ମୋ ବାପା ରଘୁନାଥ ଭୂୟାଁଙ୍କ ବିଷୟରେ ଶୁଣେ, ଛାତି ମୋର କୁଣ୍ଢେମୋଟ ହୋଇଯାଏ ଗର୍ବରେ। ଯେଉଁ ଘରୁ ରାଗିକି ଭାତ କଂସା ପାଖରୁ ବାପା ଉଠି ଚାଲିଆସିଥିଲେ, ସେହି ଘର ପାଇଁ ସେ ସାରା ଜୀବନ ଖଟିକି ସମସ୍ତଙ୍କୁ ପାଠପଢାଇ ମଣିଷ କରିଥିଲେ। ବାପାଙ୍କ ଏଇ 'ପରାର୍ଥେ ଜୀବନ' ନୀତିଟି ମୋତେ ବହୁତ ଭଲଲାଗେ। ସବୁ ସମୟରେ ମନେପଡନ୍ତି ବାପା। ମୋ ମୁଣ୍ଡ ପାଖରେ ପାଣି ଗ୍ଲାସଟିଏ ଓ ଗିନାରେ ମିଠା ଦି'ଟା ଘୋଡ଼େଇ ଥୋଇଦେଇଥାନ୍ତି, ମୁଁ ପଢୁ ପଢୁ ଶୋଇପଡିଥିଲେ। ମୁଁ ଉଠିକି ଖାଏ ଓ ପଢେ। ମୋ ଅଝଟ ହେବାର ଗୁଣରେ ବାପା ବିରକ୍ତ ହେବା ବଦଳରେ ଅଧିକ ଆଦର କରନ୍ତି। ମୁଁ ରିଜିଓନାଲ କଲେଜ ଅଫ୍ ଏଜୁକେଶନରେ ବିଇଡି କରୁଥିବା ସମୟରେ ସୋମବାର ମୋ ପରୀକ୍ଷା ଥିବାରୁ ରବିବାର ମୁଁ ପୁରୀ ଯାଇପାରି ନ ଥିଲି । ତେଣୁ ବାପା ନୂଆପଲ୍ଲୀରେ ପହଞ୍ଚି ସେଠାରୁ ଖରାରେ ଚାଲି ଚାଲି ହଷ୍ଟେଲରେ ପହଞ୍ଚିଥିଲେ ଏବଂ ମୋତେ ଟଙ୍କା ଓ ମିଠା ଦେଇ ଫେରିଥିଲେ। କହିଲେ, 'ତୁ କାଲି ଗଲୁନି। ତୋ ପାଖରେ ପଇସା ଅଛି କି ନାହିଁ ଭାବି ଚାଲି ଆସିଲି।' ମୁହଁ ଦେଖି ବୁଝିଯାଉଥିଲେ ବାପା ମୋ ମନ ତଳର ଭାବ। ଦେହପା ଖରାପ ଥିଲେ ରାତି ଅନିଦ୍ରା ହୋଇ ପାଖରେ ଜଗି ବସିବାକୁ ବାବାଙ୍କ ଭଳି କେହି ଏବେ ପାଖରେ ନାହାନ୍ତି। ଆତ୍ମନିର୍ଭରଶୀଳ ହେବାକୁ ବାବା ମୋତେ ଏମ୍.ଏ, ବି.ଇଡି ପଢାଇଥିଲେ। ସେହି ସମୟରେ ଆମ ବଂଶରେ, ଆମ ଗାଆଁରେ ସବୁଠୁ ବେଶି ପାଠ ମୁଁ ପଢ଼ିଥିଲି। ମୋତେ ପାଠ ପଢେଇବା ପଛରେ ବାପାଙ୍କର କ'ଣ ସ୍ୱପ୍ନ ଥିଲା ମୁଁ ଜାଣିନି କିନ୍ତୁ ମୋର ଗୋଟେ ସ୍ୱପ୍ନ ଥିଲା, ଗୋଟେ ସୁନ୍ଦର ଛୋଟିଆ ଘରଟିଏ କରିବି, ତା' ଚାରି ପାଖରେ ଫୁଲ ବଗିଚା କରିବି। ଆଉ ସେ ଘରେ ବାପା, ମା' ଓ ମୁଁ ତିନି ଜଣ ଯାକ ରହିବୁ। କିନ୍ତୁ ମୁଁ ଆର୍ଥିକ ଭାବରେ ସାବଲମ୍ବୀ ହେବାବେଳକୁ ସେ ନ ଥିଲେ।

ଯେତେବେଳେ ବାଲିଆପାଳ ଘାଟି ଆନ୍ଦୋଳନରେ ଯୋଗ ଦେବାକୁ ବାହାରିଲି, ପରିବାରର ସମସ୍ତେ ବ୍ୟସ୍ତ ହେଲେ ଯେ, ଫାଷ୍ଟ କ୍ଲାସ କ୍ୟାରିୟର ଛାଡି ଚାକିରି ନ କରି ପାଗଳଙ୍କ ପରି ଅଚିହ୍ନା ଜାଗାକୁ କାହିଁକି ଯାଉଛି। ସେଇଠି ବାବା ଖାଲି ପଚାରିଥିଲେ, କାହିଁକି ଯିବୁ ? ବାବା ମୋର ବହୁତ ସରଳ। ବାବାଙ୍କୁ କହିଲି, ଏଇ ଦେଖୁଛ ନା ଆମ ସ୍ୱର୍ଗଦ୍ୱାର ମଶାଣିକୁ କେତେ ଶବ ଆସୁଛି। କ'ଣ ସେମାନେ ନେଇକି ଯାଉଛନ୍ତି ? ମୁଁ ମରିଗଲେ ନାଁ ହେବ ତୁମର ଯେ, ତୁମ ଝିଅ ଦେଶ ପାଇଁ କାମ କରି ମରିଗଲା। ମୁଁ ଥରେ ନିଷ୍ପତ୍ତି ନେଲେ ଅଟଳ ରୁହେ ବୋଲି ବାପା ଜାଣନ୍ତି। ସାଙ୍ଗେ ସାଙ୍ଗେ ଅଣ୍ଟାରୁ ଟଙ୍କା କାଢି ମୋ ହାତକୁ ବଢାଇ ଦେଲେ। ନୂଆ ଜାଗା। ନିଜ ଯତ୍ନ ଭଲରେ ନେବୁ କହିଥିଲେ। ବାପାଙ୍କର ମୋ ଉପରେ ଥିବା ଭରସା ଓ ମା'ର ଛଳ ଛଳ ଆଖି ନେଇ ମୁଁ ବାହାରିଗଲି ବାଲେଶ୍ୱର। ଝିଅ ପିଲାଟେ, ଏତେ ପାଠଶାଠ ପଢି କି ସମାଜସେବା କରୁଛୁ ବୋଲି ବାହାରଲୋକ ସିନା ନାକ ପୂରାଉଥିଲେ ମା'ବାବା ମୋର କୌଣସି ସାମାଜିକ କାର୍ଯ୍ୟପଥରେ ଅନ୍ତରାୟ ସୃଷ୍ଟି କରିନାହାନ୍ତି। ସାମାଜିକ କର୍ମୀ ହେବା ପାଇଁ ଯେଉଁ ସଚ୍ଚୋଟତା, ସାହସ, ସହିଷ୍ଣୁତା, ସେବାଭାବ ଆବଶ୍ୟକ, ସେସବୁ ମୁଁ ମୋ ବାପାଙ୍କଠାରୁ ଉତ୍ତରାଧିକାର ସୂତ୍ରରେ ପାଇଛି। ଦୁଇଖଣ୍ଡ ଗାମୁଛାରେ ଜୀବନ କାଟୁଥିବା ସେଇ ବାବା ମୋ ପାଇଁ ପୃଥିବୀର ସର୍ବଶ୍ରେଷ୍ଠ ବାବା ; ଯିଏ ନିଜ ଖୁସି ପାଇଁ ପିଲାଙ୍କ ଭିତରେ ଗ୍ଲାନି କି ଅବସୋସ ତିଆରି କରେଇ ଦେଇନାହାନ୍ତି।

## ମୁଁ ଓଡ଼ିଆରେ ଗପ ଲେଖିଲି, ବାପା ପଢ଼ିପାରିଲେନି:

**ଡା. ଇପ୍ସିତା ପ୍ରଧାନ** (ଡାକ୍ତର, ଗ୍ରନ୍ଥକାର)

ସେତେବେଳକୁ ମୋର ମେଡିକାଲ ପଢ଼ାସରି ଚାକିରି କରିବା ୨/୩ ବର୍ଷ ହେଲାଣି, ହେଲେ ବ୍ରେକ୍‌ଅପ୍ ପରେ ମୋ ବ୍ୟବହାରଟା ଏକଦମ ଜଣେ କିଶୋରୀ ପରି ହିଁ ଥିଲା। ରାଗିକି ହସ୍ପିଟାଲରୁ ବି ରେଜିଗ୍ନେଶନ ଦେଇଦେଇଥାଏ। ସେତେବେଳେ ବାପା ଗାଳ୍ପିକ, ଔପନ୍ୟାସିକ **ବିଭୂତି ଭୂଷଣ ପ୍ରଧାନ**ଙ୍କ ପୋଷ୍ଟିଂ ଜବାହର ନବୋଦୟ ବିଦ୍ୟାଳୟ କୋରବା, ଛତିଶଗଡ଼ରେ। ଆମେ ଦୁଇ ଭଉଣୀ ଭୁବନେଶ୍ୱରରେ ରହୁଥାଉ। ହେଲେ ସ୍କୁଲର ଖରାଛୁଟି ପାଇଁ ବୋଉବାପା ଆମ ପାଖରେ ହିଁ ଥା'ନ୍ତି। ଆମର ମୂଳରୁ ଅଭ୍ୟାସ ସ୍କୁଲରୁ କର୍ମକ୍ଷେତ୍ର ଯାଏ ଯେଉଁଠି ଯାହା ଘଟେ ନ ଲୁଚାଇ ବୋଉବାପାଙ୍କ ଆଗରେ ଟିକିନିଖି ଗପିଯାଉ। ବାପା ଦୁଇ ଦିନ ପରେ ଭୋର୍‌ରୁ ସ୍କୁଟି ଧରି କେନ୍ଦ୍ରାପଡ଼ା ବାହାରିଲେ। ମୋତେ ଡାକିଲେ,'ଚାଲ ଘରର ମ୍ୟୁନିସିପାଲିଟି ଓ ପାଣି ଟ୍ୟାକ୍ସ ସବୁ ଦେଇ ଆସିବା।' ମୁଁ ବି ସେଇ ସମୟରେ ଭୁବନେଶ୍ୱରରୁ ବାହାରକୁ ଯିବାପାଇଁ ବାହାନା ଖୋଜୁଥାଏ। ବାପାଙ୍କ ପଛରେ ସ୍କୁଟିରେ ବସି ବାହାରିଗଲି। ବାଟରେ ଚଣ୍ଡିଖୋଲ ପେଡାଠୁ କେନ୍ଦ୍ରାପଡ଼ା ବୈଷ୍ଣବନନା ରସାବଳି ସବୁ ଖାଇ, ତା'ବିଷୟରେ ଗପ ବି ଶୁଣିଲି। ଦଶ ଦିନ ବାପଝିଅ ସ୍କୁଟିରେ କେନ୍ଦ୍ରାପଡ଼ା ଆଖପାଖ ଗାଁ ବୁଲିଲୁ। ବଳଦେବଜୀଉ ମନ୍ଦିର ବେଢ଼ାରେ ବସିଲୁ। ବାପାଙ୍କ ସାଙ୍ଗ, ଚାକିରିର ପ୍ରଥମ ସ୍କୁଲ ଆଉ ସବୁଠୁ ସ୍ପେଶାଲ ରାମଚନ୍ଦ୍ର ବେହେରା ସାରଙ୍କୁ ଭେଟିଲୁ। ବାପାଙ୍କ ଅଧିକାଂଶ ଗପ ଓ ଉପନ୍ୟାସର ପୃଷ୍ଠଭୂମିରେ ଥିବା ଲୁଣା, କରାଣ୍ଡିଆ ପଠାରେ ଘଣ୍ଟା ଘଣ୍ଟା ବସିଲୁ। ନଈକୂଳିଆ ସୁଲୁସୁଲିଆ ପବନ ଦେହକୁ ଛୁଇଁଗଲେ ଯେମିତି ନରମ ଲାଗେ, ଠିକ୍ ସେମିତି ସ୍ୱରରେ ବାପା କହିଲେ,'ଭେଟ ହେବା ସମୟଟା ଯେମିତି ସୁନ୍ଦର ଥିଲା, ବିଦାୟ ବେଳାଟା

→


ବାପାଙ୍କ ସହ ଡା. ଇପ୍ସିତା ପ୍ରଧାନ


ବାପାଙ୍କ ସହ ଭବାନୀ ଭୂୟାଁ


ବି ସେମିତି ସୁନ୍ଦର ହେବା କଥା । ଯେମିତି ଜୀବନରେ ଆଉ କେବେ ଦିହେଁ ପରସ୍ପରକୁ ହଠାତ୍ ଭେଟିଲେ ମନରେ କ୍ଷୋଭ ଆସିବନି ।' ଅନେକେ ଏକଥା ପଢି ଆଶ୍ଚର୍ଯ୍ୟ ହୋଇ ପାରନ୍ତି ଯେ କେମିତି ଝିଅଟିଏର ବ୍ରେକଅପ୍ ସମୟରେ ବାପା ଏସବୁ ବିଷୟରେ ଆଲୋଚନା କରିପାରନ୍ତି ? ଏତେ ସହଜରେ କଥା ହୋଇପାରନ୍ତି ? ହେଲେ ଆମ ଘରେ ଆମେ ଏମିତି ହିଁ ବଡ ହୋଇଛୁ, ଭାରି ସହଜରେ । ଆକଟ, ପାଟିତୁଣ୍ଡ, ମାଡ଼ କି କଟକଣା ନୁହେଁ ; ବହି, ଫିଲ୍ମ, ଭ୍ରମଣ ଆଉ ବୋଉବାପାଙ୍କ ସହ ଗପସପ ଭିତରେ । ଛୋଟବେଳେ ବି ବାପା 'ଅର୍ଥ' କିମ୍ବା 'ଉମରାଓ ଜାନ୍' ପରି ଫିଲ୍ମ ଦେଖିବାବେଳେ ଆମକୁ କୁହନ୍ତି ଦେଖ ବଢିଆ ଫିଲ୍ମ । ଅକ୍ଷର ଚିହ୍ନିବା ଦିନରୁ ଆମେ ହାତରେ 'ନୀଳଶୈଳ', 'ଅମାବାସ୍ୟାର ଚନ୍ଦ୍ର', 'ପରଜା' ଧରିଛୁ, ଘରକୁ ଆସୁଥିବା ଫିଲ୍ମ-ଫେୟାର ଦେଖିବା ପାଇଁ ବି ଆମକୁ ବାରଣ ନ ଥାଏ । ଆମ ହାତରେ ଯାହା ପଡ଼େ ତାକୁ ପଢୁ, ଛବି ଆଙ୍କୁ ଓ ଲେଖୁ । ବାପା ଗପ ଲେଖି ସାରିଲେ ମା'ଝିଅ ବସି ଯାଉ ଶୁଣିବା ପାଇଁ । ତାଙ୍କ ପ୍ରତ୍ୟେକ ଉପନ୍ୟାସର ପ୍ରଥମ ଶ୍ରୋତା ଆମେ ଓ ଆମ ଲେଖାର ପ୍ରଥମ ଶ୍ରୋତା ସେ ଦୁଇଜଣ । ଯେତେବେଳେ ମେ'-ଜୁନ ଦୁଇମାସ ଛୁଟି ହୁଏ, ଜବାହର ନବୋଦୟ ବିଦ୍ୟାଳୟ, ମୁଣ୍ଡଳି କ୍ୟାମ୍ପସର ସବା ଶେଷ କ୍ୱାର୍ଟର ପଛପଟେ ଖଟିଆ ପଡ଼େ । ମୁଢି, ପକୁଡ଼ି ଆଉ ଚା'ର ଆସର ଭିତରେ ନୂଆ ବହି ତଥା ଦେଶ ଦୁନିଆକୁ ନେଇ ଆଲୋଚନା ଜମେ । ସେଇ ସ୍କୁଲ ପଢା ସମୟରୁ ହିଁ ଆମ ଦୁଇ ଭଉଣୀଙ୍କ ଲେଖାଲେଖି ଆରମ୍ଭ । ମୋର କିଛି ଛୋଟ ପ୍ରବନ୍ଧ ଓ କବିତା ଯଦିଓ ପ୍ରକାଶ ପାଇଥାଏ, ସେ ସବୁ କିନ୍ତୁ ଥାଏ ଇଂରାଜୀ କିମ୍ବା ହିନ୍ଦୀରେ । ପଢିବା ସମୟରୁ ହିଁ ମୋର ସ୍ୱାସ୍ଥ୍ୟ ଲେଖା ଜାତୀୟ ସ୍ତରର ଇଂରାଜୀ ସ୍ୱାସ୍ଥ୍ୟ ପତ୍ରିକାରେ ପ୍ରକାଶ ପାଉଥାଏ । ଲେଖାଗୁଡ଼ିକ ମୁଁ ପ୍ରଥମେ ଇଂରାଜୀରେ ଲେଖି, ଓଡ଼ିଆରେ ଅନୁବାଦ କରୁଥିଲି । ୨୦୧୪ରେ ମୁଁ ଇଂରାଜୀ ଉପନ୍ୟାସଟିଏ ଲେଖିବା ଆରମ୍ଭ କରିଥିଲି, ବାପା ମଝିରେ ମଝିରେ ପଢନ୍ତି, ଖୁସି ହୁଅନ୍ତି, ପ୍ରଶଂସା କରନ୍ତି, ଆଲୋଚନା କରନ୍ତି । ୨୦୧୬ ଅଗଷ୍ଟ ମାସରେ ବାପା ହଠାତ୍ ଚାଲିଗଲେ । ସ୍କୁଲ ଯିବା ପ୍ରସ୍ତୁତି, ରିଟାୟାର୍ଡମେଣ୍ଟ ପର ପ୍ଲାନ, ଆଲେପି ହାଉସବୋଟରେ ଛୁଟି, 'ଦ ହଙ୍ଗ୍ରି ଟାଇଡ' ପଢିବା ଏବଂ ମୋ ଉପନ୍ୟାସ ସବୁ ଅଧା ରହିଲା । ୨୦୧୬ ସେପ୍ଟେମ୍ବର ମାସରେ ମୁଁ ପ୍ରଥମଥର ଓଡ଼ିଆ ଗପ ଲେଖିଲି, 'ମୋହ', ଶୈଳଜାର ପୂଜା ସଂଖ୍ୟାରେ ପ୍ରକାଶ ପାଇଲା । ସେଥିରେ ବାପାଙ୍କ ଖୁବ୍ ଲୋକପ୍ରିୟ ଗଳ୍ପ 'କ୍ଷେତ ଆରପାରି ଗାଁ' ବି ଥାଏ । ଅନେକ ଫୋନ୍ କଲ ଓ ପ୍ରଶଂସା ମିଳିଲା, ହେଲେ ମୁଁ ତାଙ୍କ ପରି ଓଡ଼ିଆରେ ଗପ ଲେଖୁଛି ଦେଖି, ମୋ ଓଡ଼ିଆ ଗପ ପଢି ବାପା କ'ଣ କହିଥାନ୍ତେ, ଶୁଣିବାର ସୁଯୋଗ ମୋତେ ଜୁଟିଲାନି । ଏଇ ବର୍ଷଗୁଡିକ ଭିତରେ ମୋର ଓଡ଼ିଆ କ୍ଷୁଦ୍ର ଗଳ୍ପ, ପ୍ରବନ୍ଧ, ଆଲୋଚନା ଓ କବିତା ପତ୍ରପତ୍ରିକା, ଖବରକାଗଜ, ଡିଜିଟାଲ ପ୍ଲାଟଫର୍ମରେ ପ୍ରକାଶ ପାଇଛି, ଅନେକ ପ୍ରଶଂସା ବି ମିଳିଛି, ହେଲେ ମିଳିନି ଯାହା, ସେ ହେଉଛି ବାପାଙ୍କ ପ୍ରତିକ୍ରିୟା ।


ବାପାଙ୍କ ସହ ଭାସ୍ୱତୀ ବସୁ

## ସେ ମତେ ଦେଇଥିଲେ ମୁଖାଗ୍ନି ଦେବାର ଅଧିକାର: ମାନମୟୀ ରଥ, ଲେଖିକା ଓ ଚିତ୍ରଶିଳ୍ପୀ

ଜୀବନକୁ ଖୁବ ଭଲପାଉଥିବା ମୋ' ନନା ( କବି ଓ ଶିକ୍ଷକ ଗୋଲକ ବିହାରୀ ରଥ ) ସ୍ୱଦେହରେ ନାହାନ୍ତି ବୋଲି ବୋଧହୁଏ ମୋର ସ୍ୱାର୍ଥପର ଆଖିକୁ ନନାଙ୍କ ଉପସ୍ଥିତିର ଗୁରୁତ୍ୱ ଦିଶୁଛି । ବହୁତ କିଛି ଦିଶୁଛି ଏଇ ଦେଢ଼ ବର୍ଷ ହେଲା ଯେବେଠାରୁ ସେ ଆକାଶର ତାରା ହୋଇଯାଇଛନ୍ତି । ଦିଶୁଛି , ସେହି ସବୁ କବିତାମାନଙ୍କ ଦେହ ଯେଉଁମାନେ ସନ୍ଧ୍ୟାମାନଙ୍କରେ ମୋଟା ବନ୍ଧେଇ କରା ଖାତା ଭିତରୁ ଛନ୍ଦମୟତାରେ ଆସି ତାଙ୍କ ଗଳାରେ ବସନ୍ତି ଏବଂ ତାଙ୍କୁ ଗାଇବାର ତନ୍ମୟତା ଦିଅନ୍ତି । ହଳେ ପ୍ୟାଣ୍ଟସାର୍ଟ ଗଳେଇ କେଇ ବର୍ଷ ଗୋଟାରି ନେଉଥିବା ଗୋଟେ ଅସ୍ପଷ୍ଟ ଚେହେରା ଦିଶୁଛି ଯିଏ ଦୋକାନକୁ ଆସିଥିବା ନୂଆ କିସମର ପୋଷାକ କିଣି ଆଣନ୍ତି ନିଜ ସନ୍ତାନମାନଙ୍କ ଦେହକୁ ସୁନ୍ଦର ସାଜୁ ବୋଲି । ଦିଶୁଛନ୍ତି , ଦୋକାନୀକୁ ଆଗାମୀ ମାସରେ ବାକି ନିଶ୍ଚୟ ଶୁଝିବେ କହି ଖାତା , ବହି ,ଫାଉଣ୍ଟେନ ପେନ, ରେଫେରେନ୍ସ ବହି ସହ ଶିଶୁଲେଖା, ମନପବନ, ଜହ୍ନମାମୁଁ କିଣି ଆଣୁଥିବା ଭରସାର ଗଢ଼ା ମଣିଷଟି । ଦିଶୁଛି ସନ୍ତୁଷ୍ଟିର ହସ ଖେଳାଉଥିବା ସେହି ଦେବୋପମ ମୁହଁ ଯାହାଙ୍କୁ ଅଳନ୍ଧୁ କିଣିବାକୁ ପଇସା ମାଗିଲେ ବି ତୁରନ୍ତ ମିଳିଯାଇପାରେ । ଦିଶୁଛି ସଳଖି ହେଉନଥିବା ଶରୀରର ଦୁର୍ବଳତା, ଆଖିରେ ଯନ୍ତ୍ରଣାର ଅସହାୟତା, ହୃଦୟର ସବୁ କୋଣରେ ସଭିଙ୍କ ଅଲକ୍ଷ୍ୟରେ ଭର୍ତ୍ତି କରିରଖିଥିବା ପିଲାଙ୍କ ପାଇଁ ମୋହ, ଝୁରିହେବାରେ ସରି ସାରି ଦେଉଥିବା ପିତୃତ୍ୱର ମନ ଓ ଦେହ । ସବୁ ଦିଶୁଛି ବୋଲି ଏବେ ଏବେ ନନାଙ୍କୁ ମୁଁ ଖୁବ ଝୁରି ହେଉଛି ।


ଝିଅମାନଙ୍କୁ ଦୋକାନ ବଜାର ମନା ଥିବା ଗାଁରେ ବଡ଼ଭାଇକୁ ନୁହେଁ ପରିବା ବ୍ୟାଗ ଦେଇ ମୋତେ ପଠାଉଥିଲେ । ଧାନ କଳକୁ ସାଇକେଲ କି ଶଗଡ଼ରେ ଗଲାବେଳେ ମୋତେ ହିଁ ସାଙ୍ଗ କରୁଥିଲେ । ଫାଉଡ଼ା ଧରି ଦାଣ୍ଡପଟ ସଫା କରୁଥିଲାବେଳେ, ଖଳାରେ ଧାନ କଳେଇ ସଜାଡୁଥିଲା ବେଳେ ମୋତେ ହିଁ ଖୋଜୁଥିଲେ । କହି ହେଉଥିଲେ ମୁଁ କୁଆଡେ ଝିଅ ନୁହେଁ ତାଙ୍କ ପୁଅ - ତାଙ୍କ ଡାହାଣ ହାତ । ପୁଅମାନଙ୍କ ସହ ଖେଳିବା, ବୁଲିବା, ପାଠପଢିବା, ପାଣିରେ ପହଁରିବା, ଗଛରେ ଚଢିବା, କରାଟେ ଶିଖିବା, ପୁଅପିଲାର ପୋଷାକ ପିନ୍ଧି ସ୍କୁଲ କଲେଜ ଯିବା ଭଳି ତଥାକଥିତ କାମ ସବୁ ନନାଙ୍କ ନିଘାରେ ହିଁ ସମ୍ଭବ ହେଉଥିଲା ମୋର । ସମସ୍ତଙ୍କୁ କହୁଥିଲେ ଝିଅ ମୋର ବାର - ଆଟ - ଲ କରିବ, ଖୁବ ନାଁ କରିବ । କିଛି ବୁଝେ କି ନବୁଝେ ତାଙ୍କ ସ୍ୱପ୍ନ ଭର୍ତ୍ତି ଆଖିରେ ମୁଁ ମୋ ମୁଣ୍ଡରେ ମୁକୁଟ ଗଜୁରୁଥିବାର ଅନୁଭବରେ ସୁଖ ସାଉଁଟୁଥିଲି । ଶଗଡ଼ ଉପରେ ବସି ମୁଁ ଶଗଡ଼ିଆ ଗୀତ ଶୁଣି ବିଭୋର ହେବାର ମନେ ନାହିଁ ସତ କିନ୍ତୁ ପୂରନ୍ତା ଧାନ କ୍ଷେତମାନଙ୍କ ସହ ସୂର୍ଯ୍ୟାସ୍ତର ରଙ୍ଗ ବୋଲି ମୁଁ ଯେବେ ଉଲ୍ଲସିତ ହୋଇଛି ନନା ତାଙ୍କ ଆଖିରେ ଆଖିଏ ଖୁସି ରଖି ମୋତେ ଅଧିକରୁ ଅଧିକ ପ୍ରାକୃତିକ ରଙ୍ଗର ଐଶର୍ଯ୍ୟ ଆଡକୁ ଟାଣି ନେଇଛନ୍ତି । ଇଚ୍ଛାରେ ଥାଏ ବୋଲି ସାଇକେଲ ଆଗ ରଡ଼ରେ ବସେଇ ମୋତେ ଦେଖାନ୍ତି ଦୂର ପାହାଡ଼ରେ ଡୁବନ୍ତା ସୂର୍ଯ୍ୟ । ଦିଗବଳୟ ଯାଏଁ ଧରଣୀ ବିଛେଇ ଥିବା ସବୁଜ ଗାଲିଚା । ସର୍ପିଳ ଗତିରେ ଦୌଡୁଥିବା ନଈ । କିଣି ପଢିବାକୁ ଦିଅନ୍ତି ବର୍ଣାଡ଼ ଶ', ନଜରୁଲ, ଜ୍ଞାନୀନ୍ଦ୍ର ବର୍ମା, ଉପେନ୍ଦ୍ର ଭଞ୍ଜ, ଓମାର ଖାୟାମ । ସବୁ ସାଧାରଣ ପିଲା ଭଳି ସମସ୍ତଙ୍କ ସହ ସହଜ ହେଉନଥିଲି ବୋଲି ନନା ତାଙ୍କର ଏହି ଆହତକ୍ଷମ ଝିଅଟି ବିଖ୍ୟାତ ହେଉ , ତାର ସ୍ୱତନ୍ତ୍ରତା ଜାହିର କରୁ ବୋଲି ତାଙ୍କ ବାପାପଣକୁ ପୂରା ଢାଳି ଦେଇଥିଲେ । ଝିଅମାନେ ସହରକୁ ପଢିବାକୁ କାଁଭାଁ ଯାଉଥିବା ଗାଁରୁ ଜଗନ୍ନାଥ ଧାମ ଯାଇ ପଢିହେଲା ହଷ୍ଟେଲରେ ରହି ତାଙ୍କର ସେହି ବିଶ୍ୱାସର ଆଧାରରେ । ଏପରିକି ନିଜ ଗୋଡ଼ରେ ନିଜେ ଠିଆ ହେବାର ଇଚ୍ଛା, ନିଜ ପସନ୍ଦରେ ଜୀବନସାଥୀ ନିର୍ବାଚନ କରିବାକୁ ସସମ୍ମାନେ ସମ୍ମତି ମିଳିଯାଇଥିଲା ତାଙ୍କଠାରୁ ପୁରୀରେ ଆଇନ ପଢୁଥିଲାବେଳେ । ଜଣେଇ ପାରୁନି ଶବ୍ଦରେ କେତେ କଷ୍ଟ ଡାକ୍ତରଖାନା ବ୍ୟବସ୍ଥାକୁ ଭୟକରୁଥିବା ତାଙ୍କ ବେହୋସ ଦେହକୁ ଷ୍ଟ୍ରେଚରରେ ବୋହି ବୋହି ନେବା , ତାଙ୍କୁ ସୁସ୍ଥ କରି ଫେରେଇ ଆଣିବା ବଦଳରେ ଅଢେଇ ଦିନିଆଁ ପରିଶ୍ରମ ପରେ ତାଙ୍କ ମର ଶରୀରକୁ ସ୍ୱର୍ଗଦ୍ୱାର ନେବା, ପଥଶ୍ରାଦ୍ଧ କରି ତାଙ୍କୁ ମୁଖାଗ୍ନି ଦେବା । ତାଙ୍କ ଭଳି ନୀତିନିଷ୍ଠ ବ୍ରାହ୍ମଣ କୁଆଡେ ବୋଉକୁ କହିଯାଇଥିଲେ ,''ମାନୁକୁ ମୁଖାଗ୍ନି ଦେବାକୁ କହିବ ନ ହେଲେ କାଉ କୁକୁରଙ୍କ ପାଇଁ ମୋ' ମୂର୍ଦ୍ଧାରକୁ ସେମିତି ଫିଙ୍ଗିଦେବ ।''ମୃତ୍ୟୁ ପରର ଜୀବନକୁ ମାନୁ ନ ଥିଲେ ନନା । ଏଇଠି ସ୍ୱର୍ଗ, ଏଇଠି ନର୍କ ଯାହା କରିବା କଥା ଜୀବାବସ୍ଥାରେ କର ବୋଲି ବୁଝାଉଥିବା ନନାଙ୍କ ପାଇଁ ଏଇ ଅବୁଝା ଝିଅ ଭିତରେ ହଜାରେ ଦୋଷୀପଣ । ନନାଙ୍କ ଅବର୍ତ୍ତମାନ ଗୋଟିଏ ଦୁଃସ୍ୱପ୍ନ ହୋଇଥାନ୍ତାକି ହୁଏତ ବଦଳେଇ ଦିଅନ୍ତି କିଛି ଗୁଣବତ୍ତାକୁ ମୋର ! ନିୟମିତ ବ୍ୟବଧାନରେ ଭଲ ଡାକ୍ତର ଦେଖେଇ ହେଲାନି, ତାଙ୍କ ଲିଖିତ ଗୀତକୁ ନେଇ ସଙ୍ଗୀତ କ୍ୟାସେଟ କରିହେଲାନି, ପାଖରେ ବସି ପିଲାଦିନ କଥା ତାଙ୍କ ସହ ଗପି ହେଲାନି, ଛାଇ ଭଳି ପାଖରେ ଅଛୁ ବୋଲି ପ୍ରତ୍ୟୟ ଦେଇହେଲାନି ତାଙ୍କୁ ଯାହା ତାଙ୍କର ଖୁବ ଲୋଡ଼ା ଥିଲା ଜିଇଁଯିବା ଲାଗି । ନନାଙ୍କ ପାର୍ଥିବ ଶରୀର ସହ ଆଉ କେବେ ଭେଟହେବନି ଜାଣିଛି କିନ୍ତୁ ପ୍ରାର୍ଥନା କରୁଛି ଆରଜନ୍ମରେ ସେ ମୋର ସନ୍ତାନ ହୋଇ ଜନ୍ମ ନିଅନ୍ତୁ କାରଣ ସେ କହୁଥିଲେ ପିତୃଋଣ ସନ୍ତାନର ଲାଳନପାଳନରେ ପରିଶୋଧ କରାଯାଏ କୁଆଡେ !


ବାପା ଓ ମା'ଙ୍କ ସହ ମାନମୟୀ ରଥ

ସତରେ ବାପା ସବୁବେଳେ ମହାନ୍ । ସନ୍ତାନ ପାଇଁ ସେ ସବୁ କଷ୍ଟ ହସି ହସି ସହିପାରନ୍ତି । ହେଲେ ସେକଥା ସବୁ ସନ୍ତାନ ବୁଝି ପାରି ନ ଥାନ୍ତି । ବୁଝିବା ବେଳକୁ ବହୁତ ଡେରି ହୋଇ ଯାଇଥାଏ । କେବଳ ରହିଯାଏ ଅବସୋସ ।

-ରୋଜାଲିନ ମହାନ୍ତି

# ବାପାଙ୍କ ପାଇଁ..



ହେତଲ ଦବେ

**ବାପା ହେଉଛନ୍ତି ଏକ ଶକ୍ତ କବଚ ଯେକି ସନ୍ତାନଙ୍କୁ ସବୁ ବିପଦରୁ ସୁରକ୍ଷା ପ୍ରଦାନ କରନ୍ତି । ଆଗକୁ ବଢ଼ିବାର ସାହସ ଦିଅନ୍ତି । ଯେତେ କଷ୍ଟ ଆସୁ ପଛେ ସନ୍ତାନର ସୁନେଲି ଭବିଷ୍ୟତ ପାଇଁ ସବୁ ହସି ହସି ସହିଯାଆନ୍ତି । ଠିକ୍ ଯେମିତି ଏଇ ମହାନ୍ ବାପାମାନଙ୍କ ତ୍ୟାଗ ପାଇଁ ଆଜି ଦେଶ ପାଇଛି ଗୋଟେ ଗୋଟେ ରତ୍ନ..**



ମା' ବାପାଙ୍କ ସହ ହେତଲ ଦବେ

**ଚାକିରି ଛାଡି ଝିଅର କୋଚ୍ ପାଲଟିଲେ ବାପା:** ପିଲାଟି ଦିନରୁ ସେ ବାପାଙ୍କୁ ମାଓ୍ୱଶୀ ବା ସୁମୋ ବେଲ୍ଟ ପିନ୍ଧୁଥିବାର ଦେଖିଥିଲେ । ହେଲେ ପରିବାରର ଭାର ବୋହୁ ବୋହୁ ଓ ଅଭାବ ଅସୁବିଧା ଯୋଗୁ ବାପା ତାଙ୍କର ସୁମୋ ରେସ୍ଲିଂ କ୍ଷେତ୍ରରେ ଆଗକୁ ବଢିପାରି ନ ଥିଲେ । କୁନି ଝିଅଟି ମନରେ କିନ୍ତୁ ବାପାଙ୍କୁ ଦେଖି ସୁମୋ ରେସ୍ଲିଂ ପ୍ରତି ଭଲ ପାଇବା ସୃଷ୍ଟି ହେଇ ଯାଇଥିଲା । ବୟସ ବଢିବା ସହ ଏହି ଆଗ୍ରହ ବଢିବାକୁ ଲାଗିଲା । ତେଣୁ ବାପା ନିଷ୍ପତ୍ତି ନେଲେ ଝିଅକୁ ଆଗକୁ ବଢିବାରେ ସାହାଯ୍ୟ କରିବେ । ହେଲେ ସବୁଠୁ ବଡ଼ ଅସୁବିଧା ଥିଲା ଝିଅ ପାଇଁ ସୁମୋ କୋଚ୍ ଖୋଜିବା । ଯେବେ ତାହା ସମ୍ଭବ ହେଲାନି ସେ ନିଜେ ସାଜିଲେ ଝିଅର କୋଚ୍ । ଶେଷରେ ସେଇ ଝିଅଟି ପାଲଟିଲା ଭାରତର ପ୍ରଥମ ଓ ଏକମାତ୍ର ପେସାଦାର ମହିଳା ସୁମୋ ରେସ୍ଲର । ସେ ହେଉଛନ୍ତି **ହେତଲ ଦବେ** । ଆଉ ସେଇ ବାପା, ଯାହାଙ୍କ ପ୍ରୟାସରେ ଦେଶ ପାଇଥିଲା ପ୍ରଥମ ମହିଳା ସୁମୋ ରେସ୍ଲର, ତାଙ୍କ ନାଁ ହେଉଛି **ସୁଧୀର ଦବେ** । ହେତଲ କୁହନ୍ତି, 'ସୁମୋ ରେସ୍ଲିଂ ପ୍ରତି ମୋର ଭଲ ପାଇବା ଦେଖି ବାପା ନିଜର ଚାକିରି ଛାଡି ଦେଇଥିଲେ । କୋଚ୍ ଅଭାବ କାରଣରୁ ଯେମିତି ମୋ' ଇଚ୍ଛା ମଉଳି ନ ଯାଉ ସେଥିପାଇଁ ନିଜେ ମୋର କୋଚ୍ ହେବାକୁ ନିଷ୍ପତ୍ତି ନେଇଥିଲେ । ତା'ସହ ଏକ ଲାପଟପ୍ କିଣିଲେ । ଯେଉଁଥିରେ ଆମେ ସୁମୋ ଫାଇଟ ଭିଡିଓ ଦେଖି ବିଭିନ୍ନ ଟେକ୍ନିକ୍ ଶିଖୁଥିଲୁ । ବାପା ସେଗୁଡ଼ିକୁ ଭଲଭାବେ ଶିଖି ମତେ ଶିଖାଉଥିଲେ । ବାପାଙ୍କ ସହ ଭାଇ ବି ସାହାଯ୍ୟ କରୁଥିଲେ ଶିଖିବାରେ । ଏମିତି ଦିନରାତି ଏକ କରି ବାପା ମତେ ଶିଖାଉଥାନ୍ତି । ୟା' ଭିତରେ ଏଷ୍ଟୋନିଆରେ ବିଶ୍ୱ ଚାମ୍ପିୟନଶିପ୍ ହେବାକୁ ଥାଏ । ମୁଁ ସେଥିରେ ଅଂଶଗ୍ରହଣ କରିବାକୁ ନିଷ୍ପତ୍ତି ନେଲି । ହେଲେ ସ୍ପୋନ୍ସର ମିଳୁ ନ ଥାନ୍ତି । ସ୍ଥାନୀୟ ଖବରକାଗଜରେ ହେତଲ ଜଣେ ସ୍ପୋନ୍ସର ଖୋଜୁଥିବା ଖବର ପ୍ରକାଶ ପାଇଲା । ଏହାପରେ କେତେଜଣ ସ୍ପୋନ୍ସର ଆଗକୁ ଆସିଲେ । ଶେଷରେ ସ୍ୱପ୍ନ ପୂରଣ ହେଲା ଓ ଏଷ୍ଟୋନିଆର ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବାକୁ ଗଲି । ହେଲେ ଯେବେ ଜାଣିଲି ଭାରତ ତରଫରୁ ମୁଁ ଏକମାତ୍ର ଖେଳାଳି ମନରେ ଟିକେ ଭୟ ସୃଷ୍ଟି ହୋଇଥିଲା । କାରଣ ମୁଁ କୌଣସି ବିଧିବଦ୍ଧ ତାଲିମ ନେଇ ନ ଥିଲି । ଏମିତିକି ମାଓ୍ୱଶୀ ବା ସୁମୋ ବେଲ୍ଟ ବିଷୟରେ ବି ଜାଣି ନ ଥିଲି । ତେବେ ଯେତେବେଳେ ରିଙ୍ଗ୍ ଭିତରେ ପ୍ରବେଶ କଲି ଅଜସ୍ର ତାଳିରେ ସ୍ୱାଗତ କରାଯାଇଥିଲା । ମନରୁ ଆପଣା ଛାଏଁ ସବୁ ଭୟ ଦୂରେଇ ଯାଇଥିଲା ଓ ପ୍ରଦର୍ଶନ ଭଲ ହୋଇଥିଲା । ଆଉ ବିଶ୍ୱର ଟପ୍ ଟେନ୍ ସୁମୋ ରେସ୍ଲର ତାଲିକାରେ ସାମିଲ ହେଲି । ପରେ ୨୦୦୯ ମସିହା ତାଇଓ୍ୱାନରେ ହୋଇଥିବା ବିଶ୍ୱ ଗେମ୍‌ସରେ ବି ଭାରତରୁ ଏକମାତ୍ର ପ୍ରତିଯୋଗୀ ଭାବେ ଅଂଶଗ୍ରହଣ କରି ମିଡ୍‌ଓ୍ୱେଟ୍ ବିଭାଗରେ ପଞ୍ଚମ ସ୍ଥାନରେ ରହିଲି । ଏହାପରେ ପୋଲାଣ୍ଡ, ଫିନ୍‌ଲାଣ୍ଡ ପ୍ରତିଯୋଗିତାରେ ଅଂଶଗ୍ରହଣ କଲି । ଭାରତର ଏକମାତ୍ର ମହିଳା ସୁମୋ ରେସ୍ଲର ଭାବେ ଖୁବ୍ ଭଲପାଇବା ଓ ସମ୍ମାନ ମିଳିଲା । ଦିନେ ଯେଉଁମାନେ ତାଚ୍ଛଲ୍ୟ କରି କହୁଥିଲେ–ଡାଲି ଭାତ ଖାଉଥିବା ମୋଟି ଝିଅଟି ପୁଣି ସୁମୋ ରେସ୍ଲର ହେବ ! ସେମାନଙ୍କ ମୁହଁ ବନ୍ଦ ହୋଇଗଲା । ତେବେ ମୁଁ ଯେଉଁ ପରିଚୟ ପାଇଛି ତାହା ମୋ ବାପାଙ୍କ ବିନା ସମ୍ଭବ ନ ଥିଲା । ତାଙ୍କ ତ୍ୟାଗ ପାଇଁ ମୁଁ ସଫଳତାର ସ୍ୱାଦ ଚାଖିବାକୁ ସମର୍ଥ ହେଲି । ହେତଲ ଆମେରିକାର ସାପ୍ତାହିକ ନ୍ୟୁଜ ମାଗାଜିନ୍ ନ୍ୟୁଜ୍ ୱିକ୍‌ରେ ୧୫୦ ଫିୟରଲେସ୍ ମହିଳାଙ୍କ ତାଲିକାରେ ସ୍ଥାନ ପାଇଛନ୍ତି । ୨୦୧୨ରେ କିନ୍ତୁ ସ୍ପୋନ୍ସର ନ ମିଳିବାରୁ ହେତଲ ସନ୍ନ୍ୟାସ ନେଇଗଲେ । ହେତଲଙ୍କୁ ନେଇ 'ସୁମୋ ଦିଦି' ନାମରେ ଏକ ଚଳଚ୍ଚିତ୍ର ବି ନିର୍ମାଣ କରାଯାଇଛି ।

## ଶୁଭମନଙ୍କ ତାଲିମ ପାଇଁ ବାପା ଛାଡ଼ିଥିଲେ ନିଜ ଗାଁ ଓ ଘର


ଭାରତୀୟ ଟେଷ୍ଟ ଟିମ୍‌ର ଅଧିନାୟକ ଶୁଭମନ ଗିଲ୍ । 'ପ୍ରିନ୍ସ ଅଫ୍ ଇଣ୍ଡିଆନ୍ କ୍ରିକେଟ୍' ଭାବେ ବି ପରିଚିତ । ଏହି କ୍ରିକେଟ ତାରକା ଏବେ ସବୁ ଭାରତୀୟଙ୍କ ହୃଦୟରେ ଘର କରିଛନ୍ତି । ତେବେ ତାଙ୍କର ଏହି ଯାତ୍ରା ଆଦୌ ସରଳ ନ ଥିଲା । ଅଭାବ ଅସୁବିଧା ତାଙ୍କ ପଥ ଅବରୋଧ କରୁଥିଲା । ହେଲେ ତାଙ୍କ ବାପା ଥିଲେ ତାଙ୍କ ସାଥିରେ । ଆଉ ସେ ବଢି ଚାଲିଲେ ଆଗକୁ ଆଗକୁ । ଶୁଭମନ ଗିଲ୍‌ଙ୍କ ବାପା ଲଖୱିନ୍ଦର ସିଂ ଗିଲ୍ ଜଣେ କୃଷକ । ତାଙ୍କ ଜେଜେବାପା ବି ଥିଲେ କୃଷକ । ଭାରତ–ପାକ୍ ସୀମାବର୍ତ୍ତୀ ପଞ୍ଜାବର ଫଜିଲ୍କା ଜିଲାର ଏକ ଛୋଟିଆ ଗାଁର ନିବାସୀ ଅଟନ୍ତି ଶୁଭମନଙ୍କ ପରିବାର । ପିଲାଦିନୁ ଶୁଭମନଙ୍କର ଖେଳ ପ୍ରତି ଥିଲା ଅହେତୁକ ଭଲ ପାଇବା । ତେବେ ସେ କ୍ରିକେଟ୍ ଛଡ଼ା ଅନ୍ୟ କୌଣସି ଖେଳ ଖେଳିବାକୁ ଭଲ ପାଉ ନ ଥିଲେ । ତେଣୁ ତାଙ୍କ ବାପା ପ୍ରଥମେ ତାଙ୍କ କୋଚ୍ ସାଜିଲେ । ପରେ ସେ ନିଜର ଗାଁ, ନିଜ ପୈତୃକ ଘର ଛାଡି ୩୦୦ କି.ମି. ଦୂର ମୋହାଲି ଚାଲିଯିବାକୁ ନିଷ୍ପତ୍ତି ନେଲେ । ଯେମିତି କି ଶୁଭମନଙ୍କୁ କ୍ରିକେଟରେ ଭଲ ତାଲିମ ମିଳିପାରିବ । ଲୋକେ କିନ୍ତୁ ତାଙ୍କର ଏଭଳି ନିଷ୍ପତ୍ତିକୁ ନେଇ ଅନେକ ଥଟ୍ଟା କଲେ । ହେଲେ ସେ ସବୁକୁ ଖାତିର ନ କରି ଶୁଭମନ୍‌ଙ୍କ ସ୍ୱପ୍ନ ପୂରଣ କରିବା ଲାଗି ସେ ଦିନରାତି ଏକ କରିଦେଲେ । ୧୫ ବର୍ଷ ଯାଏ ତାଲିମ ନେଲେ ଶୁଭମନ୍ । ଏମିତିକି ବାପା ତାଙ୍କର ପାରିବାରିକ ଉତ୍ସବକୁ ଯିବା ବି ବନ୍ଦ କରିଦେଇଥିଲେ । କାରଣ ସେ ଚାହୁଁ ନ ଥିଲେ କୌଣସି କାରଣ ପାଇଁ ବି ଶୁଭମନ୍‌ଙ୍କ ତାଲିମ କିଛି ସମୟ ଲାଗି ବାଧାପ୍ରାପ୍ତ ହେଉ ବୋଲି । ପ୍ରତିଦିନ ଶୁଭମନ ୫୦୦–୭୦୦ ବଲ୍ ଖେଳୁଥିଲେ । ଶୁଭମନ କୁହନ୍ତି, ''ତାଲିମ ନେବା ସମୟରେ ମୋ ବାପା ମୋ ସାଥି ଖେଳାଳିଙ୍କୁ କହୁଥିଲେ– ଯିଏ ଶୁଭମନ୍‌ଙ୍କୁ ଆଉଟ୍ କରିବ ମୁଁ ତାକୁ ୧୦୦ ଟଙ୍କା ପୁରସ୍କାର ଦେବି । ଫଳରେ ସମସ୍ତେ ମତେ ଆଉଟ୍ କରିବାକୁ ଲାଗି ନିଜର ସବୁ ସାମର୍ଥ୍ୟ ଲଗାଉଥିଲେ । ଏଭଳି କରିବା ପଛରେ ତାଙ୍କର ଉଦ୍ଦେଶ୍ୟ ଥିଲା ମୁଁ ବ୍ୟାଟିଂରେ ଏତେ ଷ୍ଟ୍ରଙ୍ଗ ହୁଏ ଯେ, କେହି ମତେ ଆଉଟ୍ କରିପାରିବେ ନାହିଁ ।'' ଶୁଭମନ୍‌ଙ୍କ ବାପାଙ୍କର ଏଭଳି ତ୍ୟାଗ ପାଇଁ ହିଁ ଶୁଭମନ୍ ଆଜି ଭାରତୀୟ ଅନ୍ତଃରାଷ୍ଟ୍ରୀୟ କ୍ରିକେଟ ଟିମ୍‌ର ଷ୍ଟାର ପ୍ଲେୟାର ପାଲଟିଛନ୍ତି । ଚଳିତବର୍ଷ ଓଡ଼ିଆଇ ର୍ୟାଙ୍କିଂରେ ନମ୍ବର ଓ୍ୱାନ ବ୍ୟାଟର୍ ଭାବେ ସ୍ଥାନ ପାଇଛନ୍ତି ।



ବାପାଙ୍କ ସହ ଶୁଭମନ୍ ଗିଲ

# ଭାର

– ସ୍ନିଗ୍ଧା ସାହୁ



ସୁମତି ବାହା ହେଇ ଆସିଲା ପରଠୁ ଗୋଟିଏ କଥାକୁ ନେଇ ସବୁବେଳେ ଭାରି କଷ୍ଟ ପାଏ । ବାର ମାସରେ ସିନା ତେର ପରବ ବୋଲି ଲୋକ ବଚନ ଅଛି , କିନ୍ତୁ ଏଠି ତେତିଶ ପରବ । ଆଉ ପ୍ରତି ପର୍ବରେ ବାପଘରୁ ଭାର ଆସିବାଟା ଥୟ । ନ ହେଲେ ଶାଶୁଙ୍କର ବାହୁନା ଆରମ୍ଭ ହୋଇଯିବ ।

‘‘ ହଇଲୋ, କୁଆଁର ପୂନେଇଁରେ ତୋ’ ବୋପା ଏଇଆ ଦେଇଛି’’ ।

‘‘ହଇଲୋ, ଏଗୁଡ଼ାକ କି’ ଧନୁ ମୁଆଁ, ୟାକୁ କ’ଣ ଭାର କୁହନ୍ତି ?’’

ଆଲୋ ହେ ସୁମତି.. ସାବିତ୍ରୀରେ ଯୋଉ ପଣସଟା ତୋ’ ବାପଘରୁ ଆସିଥିଲା ଜମା ଭଲ ପଡ଼ିଲାନି । ଟିକେ ଖଜା ପଣସ ଦେଇପାରିଲେନି ? ଝିଅ ପାଇଁ ଲୁଗାପଟା ସାଜ ସରଞ୍ଜାମ କରିଦେବେ ବୋଲି ତାଳ, ଖଜୁରି, ମୁଗ କି ନଡ଼ିଆ ଆସିବନି ? ଖାଲି ଫଳ ଓ ମିଠା !

ସୁମତି ସବୁ ଶୁଣେ । ଥରେ ଅଧେ ପ୍ରତିରୋଧ କରିଛି । କିନ୍ତୁ କଥା ବଢ଼ିଯାଏ ବୋଲି ସ୍ୱାମୀ ଆକଟ କରନ୍ତି । ଓଲଟା ମୁହଁ ଓହଳେଇ ବସନ୍ତି । ସୁମତିର ମନ ମରିଯାଏ । ବାପା କେତେ କଷ୍ଟ କରି ବାହାଘରର ଏତେ ଦିନ ପରେ ମଧ୍ୟ ପାଞ୍ଚ ଝିଅଙ୍କୁ ତାଙ୍କ ସାଧ୍ୟମତେ ପ୍ରତିଟି ପୁନିଅଁ ପର୍ବରେ ପଠାଉଛନ୍ତି ସେତିକି ବଡ଼କଥା । ଆଉ ଯେ ଏଠି ଜିରାରୁ ଶିରା କାଢି ସବୁଥିରେ ଅଶାନ୍ତି ।

ରଜ ଆଉ ଆଠଦିନ ରହିଲା । ପୁଣି ଭାର ଆସିବ ଆଉ ସୁମତିକୁ ଶାଶୁଙ୍କ ବାହୁନା ଶୁଣିବାକୁ ପଡ଼ିବ । ସେଦିନ ସକାଳୁ ସକାଳୁ ଶାଶୁ କହିଲେ, ‘‘ଦେଖେ ଲୋ ସୁମତି, ତତେ ଆଗରୁ କହିଦଉଛି, ଏଥର ଆମ୍ବ ପଣସ ସହିତ ନଡ଼ିଆ ଭାର ପଠେଇବାକୁ କହିଦବୁ ତମ ଘରେ । ଆମର ଏଠି ନଡ଼ିଆ ଗୁଡ଼ା ଭାରି ମହରଗ ହେଲାଣି ।’’


ସୁମତି ଏ ସବୁ ଶୁଣି ଜଳି ଉଠିଲା, କିନ୍ତୁ ରାଗକୁ ଆୟତ୍ତ କରି ସ୍ୱରକୁ ନରମ କରି କହିଲା, ‘‘ନାଇଁ ବୋଉ, ସେମାନେ ଆପଣଙ୍କ ମନଜାଣି ଏତେ କେଉଁ ଦେଇପାରୁଛନ୍ତି ! ଆପଣଙ୍କ ପରି ସମ୍ବଳ ମୋ ବାପାଙ୍କର ନାହିଁ । ବରଂ ଆମ ଘର ସହ ଆପଣ ବନ୍ଧୁ କାଟି ଦିଅନ୍ତୁ । କ’ଣ ଦରକାର ଯେ ନ ଥିବା ଲୋକଙ୍କ ସହିତ ବନ୍ଧୁ ବାନ୍ଧିବା ? ଅଯଥା ଆପଣଙ୍କ ଷ୍ଟାଟସ୍‌ରେ ଦାଗ ଲାଗୁଛି ।’’

ଶାଶୁ କିଛି କହି ଆସୁଥିଲେ କିନ୍ତୁ କହିପାରିଲେନି । ଥମ୍ ହେଇ ସୋଫା ଉପରେ ବସିଗଲେ ।

କହିବା ବାହୁଲ୍ୟ ଯେ , ସେଇ ଘଟଣା ପରଠୁ ଭାର ଆସେ କିନ୍ତୁ ସୁମତିକୁ ଆଉ ଶାଶୁଙ୍କ ବାହୁନା ଏତେ ବେଶି ଶୁଣିବାକୁ ମିଳିନି ।

– ସିଡିଏ, କଟକ

ମୋ: ୮୨୪୯୩୭୫୧୮୮



# ବାପା

–ସୌଦାମିନୀ ଖଟୁଆ

ବାପାଙ୍କ ଅସୁସ୍ଥତା ଖବର
ଶୁଣି ବି ଯାଇପାରିଲିନି
ଦେଖା କରିବାକୁ
ଅନେକ ଦିନଯାଏ
ଡେରି ପାଇଁ ନିଜକୁ
ଦୋଷୀ ଦୋଷୀ ଲାଗୁଥାଏ ।
କାନ୍ଦ ବି ମାଡୁଥାଏ
ଫୋନ କରିବାକୁ
ସାହସ କୁଳଉ ନଥାଏ ।
ଅଭିମାନରେ

କାଳେ ବାପା କହିଦେବେ,
ମୋ ପାଇଁ
ତୋର ସମୟ ହେଲାନି ।

ହୁଏତ ଦୁଃଖିତ ଗଳାରେ
କହିବେ,
ଆସୁଲୁନି ମାଁ
ତୋତେ ଦେଖିବାକୁ
ଖୁବ୍ ମନ ହେଉଥିଲା ।

ସିଏ ବି
ମୋ ପରି ଭାବୁଥିବେ କି ?
ବାପା ହଷ୍ଟେଲରେ
ପହଞ୍ଚିବା ଟିକିଏ ଡେରି ହେଲେ

କାନ୍ଦ ମାଡୁଥିଲା
ଲାଗୁଥିଲା,
ବାପା ମୋତେ ଭୁଲିଗଲେଣି ।

ଫୋନ ଉପରୁ
ହାତ ଫେରି ଆସୁଥାଏ,
ସେପଟୁ ଭାଇର ଫୋନ ଆସିଲା --
ବାପା କଥାହେବେ ତୋ ସାଙ୍ଗରେ

କାନ ପାଖକୁ
ଫୋନ ନେଲି ଡରି ଡରି
ଅପର ପଟୁ
ଦୁର୍ବଳ ଅଥଚ ଶାନ୍ତ ସ୍ୱରରେ
ବାପା କହିଲେ --

କେମିତି ଅଛୁ ମା’, ସବୁ ଭଲ ତ,
ଜୋଇଁ କେମିତି ଅଛନ୍ତି ?
ଆଉ, ତୋ ପୁଅ ଝିଅ ?
ଆସି ପାରିଲୁନି ବୋଲି
ମନ ଦୁଃଖ କରିବୁନି ମା’,
ସୁବିଧା ଦେଖି ପରେ ଆସିବୁ
ମୁଁ ଭଲ ଅଛି ,
ଜମା କାନ୍ଦିବୁନି ।

ଏହାପରେ ମୋର ରୁଦ୍ଧ କୋହ
ଆଉ କି ରହିପାରେ,
ଲୁହ ହୋଇ ବହି ନ ଯାଇ ।

– ବରପାଲି

ମୋ: ୯୯୩୭୧୪୭୭୮୮




ସନାୟା

# ଚାହିଁ ବସିଛନ୍ତି ସନାୟା

ନବାଗତା ସନାୟା କପୁର ଏବେ ଆତୁରତାର ସହ ଚାହିଁ ବସିଛନ୍ତି ନିଜ ପ୍ରଥମ ଫିଲ୍ମର ରିଲିଜ୍‌କୁ। କାରଣ ତାଙ୍କ ଅଭିନୀତ ପ୍ରଥମ ସିନେମା 'ଆଖୋଁ କି ଗୁସ୍ତାଖିୟାଁ' ଖୁବ୍ ଶୀଘ୍ର ରିଲିଜ ହେବାକୁ ଯାଉଛି। ଏ ନେଇ ପ୍ରଯୋଜନା ସଂସ୍ଥା ପକ୍ଷରୁ ସବୁଜ ସଙ୍କେତ ମିଳିବା ପରେ ସନାୟାଙ୍କ ଖୁସି କହିଲେ ନ ସରେ। ଏହା ଆସନ୍ତା ମାସ ୧୧ ତାରିଖରେ ପରଦା ଉପରକୁ ଆସିବାର ଯୋଜନା ରହିଛି। ନିଜର ପ୍ରଥମ ସିନେମା ବିଷୟରେ ସେ କହନ୍ତି, ''ପ୍ରାୟ ସମସ୍ତ ନବାଗତା ଆଶା ରଖିଥାନ୍ତି ନିଜର ପ୍ରଥମ ସିନେମା ହିଟ୍ ହେଉ ବୋଲି। ମୁଁ ବା ସେଥିରୁ ବାଦ୍ ପଡିବି କିପରି ? ଏହାର କାହାଣୀ, କଳାକାରଙ୍କ ଭୂମିକା, ସଙ୍ଗୀତ, ସଂଳାପ କେହି କାହାକୁ କମ୍ ନୁହେଁ। ତା'ସହ ନିଜ ଭୂମିକାଟି କିପରି ସଫଳ ହେବ ସେଥିପାଇଁ ମୋ ପଟରୁ ଯେତେ ଚେଷ୍ଟା କରାଯିବା କଥା କରିଛି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ।'' ନିକଟରେ ଏହି ଫିଲ୍ମର ପ୍ରଥମ ପୋଷ୍ଟର ଲୋକାର୍ପିତ ହୋଇଛି। ଏଥିରେ ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ବିକ୍ରାନ୍ତ ମେସି ଏବଂ ସନାୟାଙ୍କ ପୋଷ୍ଟରକୁ ଦର୍ଶକ ପସନ୍ଦ କରିଛନ୍ତି। ସବୁଠାରୁ ଖାସ୍ କଥା ହେଲା ବିଶିଷ୍ଟ ଲେଖକ ରସ୍କିନ୍ ବଣ୍ଡଙ୍କ 'ଦ ଆଇଜ ହାଭ୍ ଇଟ୍'କୁ ଆଧାର କରି ଏହାକୁ ପ୍ରସ୍ତୁତ କରାଯାଇଛି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ମାନସୀ ବାଗଲା ଏବଂ ବରୁଣ ବାଗଲା। ନିର୍ଦ୍ଦେଶନା ଦେଇଛନ୍ତି ସନ୍ତୋଷ ସିଂ।


'ଶତ୍ରୁ' ଫିଲ୍ମରେ ପୀୟୂଷ

# ଶତ୍ରୁ

ଅନୁପମା ମୁଭିଜ ବ୍ୟାନରରେ ପ୍ରସ୍ତୁତ ହୋଇଛି ଏକ ନୂଆ ଓଡ଼ିଆ ସିନେମା, ଯାହାର ଟାଇଟଲ ରହିଛି 'ଶତ୍ରୁ'। ଖାସ୍ କଥା ହେଲା, ଏଥର ରଥଯାତ୍ରାରେ ଏହି ଚଳଚ୍ଚିତ୍ର ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ ପ୍ରଯୋଜନା କରିଛନ୍ତି ବିଭୂତି ଭୂଷଣ ଜେନା। ଅନ୍ୟପକ୍ଷରେ ଏହାର ନିର୍ଦ୍ଦେଶନା ଦେଇଛନ୍ତି 'ରସିକ ନାଗର', 'କ୍ରିମିନାଲ, 'ହୀରୋ' ଆଦି ହିଟ୍ ସିନେମାର ନିର୍ଦ୍ଦେଶକ ଦିଲ୍ଲୀପ ପଣ୍ଡା। ଏହାର ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ଏ ସମ୍ପର୍କରେ ସେ କହନ୍ତି, ''ଏହି ସିନେମାଟି ଦର୍ଶକଙ୍କୁ ଫୁଲ୍ ଏଣ୍ଟରଟେନ୍ କରିବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ଅନ୍ୟପକ୍ଷରେ ସବୁ ବର୍ଗର ଦର୍ଶକଙ୍କୁ ଲକ୍ଷ୍ୟ କରି ଏହାକୁ ପ୍ରସ୍ତୁତ କରାଯାଇଛି।'' ଏହାର କାହାଣୀ ରଚନା କରିଛନ୍ତି ଅନୁପମ ଜେନା। ଖାସ୍ କଥା ହେଲା ଏହି ଫିଲ୍ମର ଟାଇଟଲ ଭୂମିକାରେ ନବାଗତ ନାୟକଙ୍କୁ ଦେଖିବାକୁ ମିଳିବ। ସେ ହେଲେ ଶୁଭମ। ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଦୀପକ କୁମାର। ଚିତ୍ରଟିର ସହ-ପ୍ରଯୋଜକ ଅଛନ୍ତି ବିବେକ ଜେନା ଓ ଅଭିଷେକ ଜେନା । ଏଥିରେ ଶୁଭମଙ୍କ ନାୟିକା ତମନ୍ନା ସାଜିଥିବା ବେଳେ ଜଲିଉଡ୍‌ର ଲୋକପ୍ରିୟ ବ୍ୟାଡ୍‌ମ୍ୟାନ୍ ପୀୟୂଷ ତ୍ରିପାଠୀ, ଜୀବନ ପଣ୍ଡା ,ଡିସ୍କୋ ରେଡ୍ଡୀ ,ଚିନ୍ତାମଣି,ଐଶ୍ୱର୍ଯ୍ୟାଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ।

# ସେହି ୭୨ ଘଣ୍ଟା...

ଶକ୍ତି ତନୟା ଶ୍ରଦ୍ଧା କପୁର ଥରେ ନନ୍ ଷ୍ଟପ୍ ୭୨ ଘଣ୍ଟା ଶୁଟିଂରେ ବ୍ୟସ୍ତ ରହିଥିଲେ। କାରଣ ସେ ସମୟରେ ସେ ଏକାଥରେ ଦୁଇଟି ଫିଲ୍ମରେ ଅଭିନୟ କରୁଥାଆନ୍ତି। ଫିଲ୍ମଦ୍ୱୟ ହେଲା 'ରକ୍ ଅନ୍ ୨' ଏବଂ 'ବାଗୀ'। କିନ୍ତୁ ସୌଭାଗ୍ୟର କଥା ହେଲା, ଚିତ୍ର ଦୁଇଟିର ଶୁଟିଂ ଗୋଟିଏ ଷ୍ଟୁଡିଓରେ ହେଉଥିଲା। ଏ ବିଷୟରେ ଶ୍ରଦ୍ଧା କହନ୍ତି, ''ଥରେ ମୁଁ ଅଭିନୟ କରୁଥିବା ଦୁଇଟି ଫିଲ୍ମ-'ରକ୍ ଅନ୍ ୨' ଏବଂ 'ବାଗୀ' ଗୋଟିଏ ଷ୍ଟୁଡିଓରେ ଶୁଟିଂ ହେଉଥାଏ। ତେଣୁ ମୁଁ ଦୁଇଟି ପ୍ରୋଜେକ୍ଟର କାମ ଶୀଘ୍ର ସାରିବାକୁ ପ୍ରଥମେ ମାନସିକ ସ୍ତରରେ ପ୍ରସ୍ତୁତ ହୋଇ ସେକଥା ପ୍ରଯୋଜନା ସଂସ୍ଥାକୁ ଜଣାଇ ଦେଲି। ସେତେବେଳେ ମୁଁ ଲାଗାତର ତିନି ଦିନ ଶୁଟିଂରେ ବ୍ୟସ୍ତ ଥିଲି। ଟିକେ ଲିଜର ମିଳିବା ମାତ୍ରେ ରେଷ୍ଟ ନେଉଥିଲି। ନ ହେଲେ ମୋତେ ଶୁଟିଂରେ ବ୍ୟସ୍ତ ରହିବାକୁ ପଡୁଥିଲା।'' ଶ୍ରଦ୍ଧା ଗୋଟିଏ ଜିନିଷକୁ ଭାରି ଭୟ କରନ୍ତି। ତାହା ହେଲା ବିଜୁଳି। ଏକଦା ସେ ଆଦିତ୍ୟ ରୟ କପୁରଙ୍କ ସହ 'ଆସୀକି ୨'ର ଶୁଟିଂ କରୁଥାନ୍ତି। ଏକ ବର୍ଷା ସିନ୍‌ର ଦୃଶ୍ୟାୟନ କରାଯାଉଥାଏ। କୃତ୍ରିମ ବର୍ଷା ସାଙ୍ଗକୁ ବିଜୁଳି ଘଡଘଡିର ଶବ୍ଦ। ବର୍ଷା ଭିତରେ ଯେମିତି ସେ ବିଜୁଳି ଦେଖିଦେଇଛନ୍ତି, ଶଟ୍ ଦେବେ କ'ଣ କ୍ୟାମେରା ସାମ୍ନାରୁ ଦୌଡି ପଳାଇ ଯାଇଥିଲେ। ବେଶ୍ କିଛି ସମୟରେ ମନକୁ ବୁଝାଇବା ପରେ ସତର୍କତା ସହ ଶଟ୍ ଦେଇଥିଲେ।


ଶ୍ରଦ୍ଧା

# ଶେଷରେ ରାଜି ହେଲେ

ନିକଟରେ ରଣବୀର କପୁର ଗୋଟିଏ ପ୍ରୋଜେକ୍ଟରେ ଅଭିନୟ କରିବାକୁ ରାଜି ହେବେ କି ମନା କରିବେ-ତାହାକୁ ଝୁଲାଇ ରଖିଥିଲେ। କେବଳ ସେତିକି ନୁହେଁ, ଏ ନେଇ ଶେଷ ନିଷ୍ପତ୍ତି ନେବାକୁ କିଛି ସପ୍ତାହ ସମୟ ମଧ୍ୟ ନେଇଥିଲେ। ହେଲେ ସେ ଏହାକୁ ନେଇ ଦୋଛକିରେ ପଡିବାର କାରଣ ହେଲା ଯେ ଏହି ଫିଲ୍ମଟି ପୁରା ଆକ୍ସନଭିତ୍ତିକ। ଯାହାହେଉ, ଶେଷରେ ଏହି ଅଫରଟିକୁ ସେ ହଁ ଭରିଛନ୍ତି। ହଁ, ଯଶରାଜ ଫିଲ୍ମସ ବ୍ୟାନରରେ ନିର୍ମାଣ ହେବାକୁ ଯାଉଥିବା 'ଧୂମ୍'ର ନୂଆ ସିରିଜ 'ଧୂମ୍ ୪'ରେ ରଣବୀର ନାୟକ ସାଜିବେ। ଏହାର ଶୁଟିଂ ଆସନ୍ତା ବର୍ଷ ଏପ୍ରିଲରୁ ଆରମ୍ଭ ହେବ। ଅନ୍ୟପକ୍ଷରେ ୨୦୨୭ରେ ଚିତ୍ରଟି ରିଲିଜ ହେବାର ଯୋଜନା ରହିଛି। ଯେହେତୁ ଏହି ସିନେମାର କାହାଣୀରେ କେବଳ ଆକ୍ସନ ହିଁ ଆକ୍ସନ ରହିଛି, ତେଣୁ ଏ ନେଇ ନିଜକୁ ଏବେଠାରୁ ପ୍ରସ୍ତୁତ କରିବା ଆରମ୍ଭ କରିଦେଇଛନ୍ତି ରଣବୀର। ଏଥିପାଇଁ ସେ ଏକ ରୋବୋର ସହାୟତା ନେଇଛନ୍ତି। ବର୍ତ୍ତମାନ ସଞ୍ଜୟ ଲୀଲା ଭଁସାଲିଙ୍କ ନିର୍ମାଣାଧୀନ ଫିଲ୍ମ 'ଲଭ୍ ଆଣ୍ଡ ୱାର୍'ରେ ସେ ଅଭିନୟ କରୁଛନ୍ତି। ଏଥିରେ ତାଙ୍କର ନାୟିକା ସାଜିଛନ୍ତି ଆଲିୟା ଭଟ୍ଟ। ଏହାବ୍ୟତୀତ ସେ ନିତେଶ ତିୱାରୀଙ୍କ ପୌରାଣିକ ଫିଲ୍ମ 'ରାମାୟଣ'ରେ ମଧ୍ୟ ଅଛନ୍ତି। ତେଣୁ ୨୦୨୬ ମଧ୍ୟ ଭାଗରେ ସେ 'ଧୂମ୍ ୪'ର ଶୁଟିଂରେ ଯୋଗ ଦେବେ ବୋଲି ଜଣାପଡିଛି।


ରଣବୀର

# ରାଜାମୌଳିଙ୍କ ଟିମ୍‌ରେ ପ୍ରିୟଙ୍କା

ପ୍ରିୟଙ୍କା ଚୋପ୍ରା ଜୋନାସ୍‌ଙ୍କ ମୁହଁରେ ଏବେ ବିଶିଷ୍ଟ ନିର୍ଦ୍ଦେଶକ ଏସ.ଏସ. ରାଜାମୌଳିଙ୍କ ପ୍ରଶଂସା ଶୁଣିବାକୁ ମିଳୁଛି। ଏହା ପଛରେ ତ ନିଶ୍ଚୟ କିଛି କାରଣ ଥିବ। ହଁ, ଏଭଳି ପ୍ରଶଂସା ଅନ୍ତରାଳରେ ଏଇଆ ଅଛି ଯେ, ରାଜାମୌଳିଙ୍କ ନୂଆ ପ୍ରୋଜେକ୍ଟରେ ପ୍ରିୟଙ୍କାଙ୍କୁ ସାମିଲ କରାଯାଇଛି। ଏହାର ମେଲ୍ ଲିଡ୍‌ରେ ଅଛନ୍ତି ଅନ୍ୟତମ ଲୋକପ୍ରିୟ ତାମିଲ ଷ୍ଟାର ଆର. ମାଧବନ ଏବଂ ମହେଶ ବାବୁ। ହେଲେ ଏମାନଙ୍କ ଅପୋଜିଟ୍‌ରେ କାହାକୁ ନାୟିକା ଭାବରେ ସାଇନ୍ କରାଇବେ ସେ ନେଇ କିଛି ଦିନ ଭଲ ଭାବରେ ଚିନ୍ତା କରିଥିଲେ। ଶେଷରେ ପ୍ରିୟଙ୍କାଙ୍କୁ ଯୋଗାଯୋଗ କରାଯାଇଥିଲା ଏବଂ ସେ ମଧ୍ୟ ଏ ନେଇ ସବୁଜ ସଙ୍କେତ ଦେଇସାରିଛନ୍ତି। କିନ୍ତୁ ଖାସ୍ କଥା ହେଲା, ଏହି ଷ୍ଟାର୍ ଷ୍ଟଡେଡ୍ ଏବଂ ବିଗ୍ ବଜେଟ୍ ତାମିଲ ଫିଲ୍ମର ଟାଇଟଲ ସମ୍ପୂର୍ଣ୍ଣ ଭାବରେ ଫାଇନାଲ ହୋଇନାହିଁ। ଆପାତତଃ ଏହାର ଶୀର୍ଷକ 'ଏସଏସଏମବି୨୯' ଦିଆଯାଇଛି। ଏହାର ଶୁଟିଂ ଫୁଲ୍ ସ୍ପିଡ୍‌ରେ ଆଗେଇ ଚାଲିଛି। ଏଭଳି ସୁଯୋଗ ବିଷୟରେ ପ୍ରିୟଙ୍କା କହନ୍ତି, ''ରାଜାମୌଳିଙ୍କ ପରି ନିର୍ଦ୍ଦେଶକଙ୍କ ସହ କାମ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ। ଏହି ଅଫରଟି ମୋତେ ମିଳିବା ପରେ ମୁଁ ଆଖିବୁଜି ହଁ ଭରିଥିଲି। ମୋ ଅପୋଜିଟ୍‌ରେ ଆର. ମାଧବନ୍ ଏବଂ ମହେଶ ବାବୁଙ୍କ ପରି ପପୁଲାର ଅଭିନେତା ଅଛନ୍ତି। ଫିଲ୍ମଟି ସବୁ ଦୃଷ୍ଟିରୁ ଭଲ ହେବ ବୋଲି ଆଶା ରଖିଛି।


ପ୍ରିୟଙ୍କା

# ପୁଣି ଥରେ 'ଉମରାଓ ଜାନ୍'

ବଲିଉଡ୍‌ର ବିଶିଷ୍ଟ ତଥା ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ହେଉଛନ୍ତି ରେଖା। ତାଙ୍କ ଅଭିନୀତ 'ଉମରାଓ ଜାନ୍' ବକ୍ସ ଅଫିସରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ଏଥିରେ ରେଖାଙ୍କ ଅଭିନୟକୁ ଏବେ ମଧ୍ୟ ଅନେକ ମନେ ପକାଇଥାଆନ୍ତି। ତେବେ ଖୁସିର କଥା ଯେ, ସିନେପ୍ରେମୀ ଏହି ଫିଲ୍ମଟିକୁ ପୁଣି ଥରେ ବଡ ପରଦାରେ ଦେଖିବାର ସୁଯୋଗ ପାଇବେ। ଚଳିତ ମାସ ୨୭ ତାରିଖରେ ଏହା ଆଉ ଥରେ ମୁକ୍ତିଲାଭ କରିବାକୁ ଯାଉଛି। ୪କେ ରେଷ୍ଟୋରେଶନ ଭଳି ଅତ୍ୟାଧୁନିକ ଜ୍ଞାନକୌଶଳ ବଳରେ ଏହି ଚିତ୍ରଟିକୁ ଆହୁରି ଆକର୍ଷଣୀୟ କରାଯାଇଛି। ଫିଲ୍ମଟିକୁ ପ୍ରଯୋଜନା କରିଛନ୍ତି ଏସ.କେ.ଜୈନ ଆଣ୍ଡ ସନ୍ସ। ଅନ୍ୟପକ୍ଷରେ ଫିଲ୍ମଟିକୁ ସ୍ପେଶାଲ ଇଫେକ୍ଟ ଦେବା ଦାୟିତ୍ୱ ତୁଲାଇଛନ୍ତି ଏନଏଫଡିସି ଏବଂ ଏନ.ଏଫ.ଏ.ଆଇ.। ଏହି ଫିଲ୍ମରେ ରେଖା ଜଣେ କବି ଭୂମିକାରେ ଅଭିନୟ କରିଛନ୍ତି। ଜଣେ ଗଣିକା ଏବଂ କବିଙ୍କୁ ଆଧାର କରି ଏହାର କାହାଣୀ ଗତି କରିଛି। ବିଶିଷ୍ଟ ଔପନାସିକ ମିର୍ଜା ହାଦୀ ରୁଷୱାଙ୍କ ଦ୍ୱାରା ୧୮୯୯ରେ ରଚିତ ଉପନ୍ୟାସ 'ଉମରାଓ ଜାନ୍ ଅଦା'କୁ ଆଧାର କରି ଏହି ଚିତ୍ରଟିକୁ ନିର୍ମାଣ କରାଯାଇଥିଲା। ୧୯୮୧ରେ ରିଲିଜ ହୋଇଥିବା ମୁଜାଫର ଅଲ୍ଲୀଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମଟିର ବଜେଟ୍ ଥିଲା ମାତ୍ର ୫୦ ଲକ୍ଷ। ଖୟାମଙ୍କ ଦ୍ୱାରା ସ୍ୱରାୟିତ ଏହାର ଗୀତଗୁଡିକ ବେଶ୍ ଶ୍ରୋତାଦୃତ ହୋଇଥିଲା।


ରେଖା

ପ୍ରଥମ ରୋଜଗାର

# ବାପାଙ୍କ ପାଇଁ ପଞ୍ଜାବୀ କପଡ଼ା କିଣିଥିଲି



ଲେଖିକା ସରୋଜିନୀ ମହାନ୍ତି ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ବାପା ମା'ଙ୍କର ଆମେ ତିନି ଝିଅ ଥିଲୁ। ବାପା ପୋଲିସ ବିଭାଗରେ କାମ କରୁଥିଲେ। ଖୋର୍ଦ୍ଧାରେ ନିଜ ଘର ହେଲେ ହେଁ, ବାପାଙ୍କର ଚାକିରୀ କ୍ଷେତ୍ରରେ ବଦଳି ଯୋଗୁଁ ଆମକୁ ବିଭିନ୍ନ ସ୍ଥାନରେ ରହିବାକୁ ପଡୁଥିଲା। ସେତେବେଳେ ଘରମାନଙ୍କରେ ଝିଅମାନଙ୍କ ଅପେକ୍ଷା ପୁଅମାନଙ୍କୁ ଟିକିଏ ଅଧିକ ପ୍ରାଧାନ୍ୟ ଦିଆଯାଉଥିଲା। କିନ୍ତୁ ବାପାଙ୍କର ସେଭଳି ମନୋବୃତ୍ତି ଆଦୌ ନଥିଲା ବରଂ କେଉଁଠାରେ କିଛି ଫଙ୍କସନ୍ ହେବାର ଥିଲେ ଯେମିତିକି ଉତ୍କଳ ଦିବସ, ପୋଲିସ ପ୍ରତିଷ୍ଠା ଦିବସ ଇତ୍ୟାଦିରେ ମୋତେ ଉତ୍ସାହିତ କରୁଥିଲେ ସେ ବିଷୟରେ ଯାଇ କହିବାକୁ ବା କବିତା ପଢିବାକୁ। ଆଉ ସେତିକି କରିଦେଲେ ତାଙ୍କର ଖୁସିର ସୀମା ରହୁ ନଥିଲା। ବାପାଙ୍କର ଏସବୁ ଗୁଣ ଭଲ ହେଲେ ବି ସ୍ୱଭାବରେ ସେ ଟିକେ ବଦ୍‌ରାଗୀ ଥିଲେ। ଆମେମାନେ କେବେ ହେଲେ ତାଙ୍କ ସାମ୍ନାରେ କଥା କହୁ ନ ଥିଲୁ। ଏସ୍.ସି.ଏସ୍ କଲେଜରେ ବି.ଏ. ପଢିଲାବେଳେ ବାପା ପୁରୀରେ କାମ କରୁଥିଲେ। ସେଥିପାଇଁ ଆମେ ସେଠି ଘରଭଡ଼ା ନେଇଥିଲୁ। ଆମ ପାଖ ଘରେ ଜଣେ ସମ୍ପର୍କୀୟ ଦାଦା ରହୁଥିଲେ। ସେ ଜଣେ ନାମୀ କବି ଥିଲେ। ତାଙ୍କ ଘରକୁ ପ୍ରାୟତଃ କବି, ଲେଖକମାନେ ଆସୁଥିଲେ। କବିତାର ଆସର ଜମୁଥିଲା। ମୁଁ ବି ଅଧିକାଂଶ ସମୟ ସେଠିକି ଯାଇ ବସୁଥିଲି। ସେଇଠୁ ହିଁ ଲେଖିବାର ପ୍ରେରଣା ପାଇଲି। ତା'ପୂର୍ବରୁ କେବେ ଲେଖିବି ବୋଲି ଚିନ୍ତା କରି ନଥିଲି। ପ୍ରଥମେ ଗୋଟିଏ କବିତା ଅଲ୍ ଇଣ୍ଡିଆ ରେଡିଓର ନାରୀ ମହଲକୁ ପଠାଇଥିଲି ; ଯାହା ମନୋନୀତ ହୋଇ ଲିପିକାରେ ବାଜିଥିଲା। ସେ ସମୟରେ ଟିଭିର ସେତେ ପ୍ରଚଳନ ନଥିଲା। ରେଡ଼ିଓରୁ ଗୀତ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଶୁଣିବା ମୋର ଖୁବ୍ ପସନ୍ଦ ଥିଲା। ସେଥିପାଇଁ ହାତରେ ଛୋଟ ରେଡ଼ିଓଟିଏ ସବୁବେଳେ ଧରୁଥିଲି। ଏପରିକି ଗାଧୋଇଲାବେଳେ ବି ବାଥ୍‌ରୁମ୍‌ରେ ରେଡ଼ିଓ ଶୁଣି ଗାଧୋଉଥିଲି। ଯେଉଁଦିନ ଲିପିକାରେ ମୋର କବିତାଟି ପାଠ କରାଗଲା, ସେଦିନ ଖୁସିରେ ଅଧା ଗାଧୁଆରେ ବାହାରି ବୋଉକୁ କହିଲି, 'ବୋଉ, ମୋର କବିତା ଏବେ ଲିପିକାରେ ପଢାଗଲା'। ବୋଉ ସେଦିନ କବିତାଟି ଶୁଣି ପାରି ନଥିଲା ସତ, କିନ୍ତୁ ମୋ କଥା ଶୁଣି ଭାରି ଖୁସି ହୋଇଥିଲା। ଠିକ୍‌ସେ ମନେ ନ ପଡିଲେ ବି ବୋଧହୁଏ ଉକ୍ତ କବିତା ପାଇଁ ମୋତେ ଅଲ୍ ଇଣ୍ଡିଆ ରେଡିଓ ତରଫରୁ ୫୦୦ ଟଙ୍କା ମିଳିଥିଲା ; ଯାହାକି ଥିଲା ମୋ ଜୀବନର ପ୍ରଥମ ରୋଜଗାର। ସେଇ ଟଙ୍କାରେ ବାପାଙ୍କ ପାଇଁ ଗୋଟେ ପଞ୍ଜାବୀ କପଡ଼ା କିଣିଥିଲି। ବାପା ଖୁସିରେ ତାକୁ ତିଆରି କରି ପିନ୍ଧିଥିଲେ। ତାଙ୍କ ମୁହଁରେ ସେଦିନ ଯେଉଁ ଖୁସିର ଝଲକ ଦେଖିଥିଲି ତାହା ମୋ ପାଇଁ ଅମୂଲ୍ୟ ଥିଲା। ବାସ୍ ତା'ପରଠୁ କବିତା ଲେଖିବା ମୋର ନିଶାରେ ପରିଣତ ହୋଇଗଲା। ସେତେବେଳେ 'ଆସନ୍ତା କାଲି', 'ନବରବି', 'ସୁଚରିତା' ଇତ୍ୟାଦି ବହୁ ପତ୍ରପତ୍ରିକାରେ ମୋର ପ୍ରାୟତଃ କବିତା ପ୍ରକାଶ ପାଉଥିଲା ; କିନ୍ତୁ ସେଥିରୁ ସେମିତି କିଛି ପାରିଶ୍ରମିକ ମିଳୁ ନଥିଲା। କେବଳ ରେଡ଼ିଓରୁ ଯାହା କବିତା ପାଇଁ ବେଳେବେଳେ ପଇସା ପାଉଥିଲି। କଲେଜ ପଢା ସରିବା ପରେ ଥରେ ମୋ ଚାକିରି ଲାଗି ବାପା ସବ୍ ଇନ୍ସପେକ୍ଟର ପୋଷ୍ଟ ପାଇଁ ଫର୍ମ ଫିଲପ୍ କରି ପକାଇ ଦେଇଥିଲେ। ସେତେବେଳେ ଅବଶ୍ୟ ଆଜିକାଲି ପରି ଏତେ କ୍ରିଟିକାଲ୍ ବ୍ୟବସ୍ଥା ନ ଥିଲା। ସୁବିଧାରେ ଚାକିରି ମିଳି ଯାଉଥିଲା। କିନ୍ତୁ ସେ ସମୟରେ ମୁଁ ଶୁଣିଥିଲି, ପୋଲିସ୍ ବିଭାଗର କର୍ମଚାରୀମାନେ କୁଆଡ଼େ ତାଙ୍କ ଉପର ଅଫିସର୍‌ଙ୍କ ଘରେ ବ୍ୟକ୍ତିଗତ କାର୍ଯ୍ୟରେ ନିୟୋଜିତ ରହୁଥିଲେ। ଏହା କେତେ ସତ କେତେ ମିଛ ମୋତେ ଜଣା ନଥିଲା କି ଏକଥା ମୁଁ କେବେ ବାପାଙ୍କୁ ପଚାରିବି ଏତେ ସାହାସ ବି ମୋର ନଥିଲା। ତେଣୁ ମୁଁ ସେ ଚାକିରୀ କରିବିନି ବୋଲି ବାପାଙ୍କୁ ତ କହି ପାରିବିନି, ଯେତେବେଳେ ଚିଠି ଆସିଲା ପୋଷ୍ଟମ୍ୟାନ୍ ପାଖରୁ ଚିଠି ନେଇ ତାକୁ ଚିରି ଦେଇଥିଲି। ସେତେବେଳେ ଚାକିରୀର ମୂଲ୍ୟ କିଛି ବୁଝି ନଥିଲି। ଏବେ ସେ କଥା ମନେପଡିଲେ ବହୁତ ଅନୁତାପ କରେ। ସେତେବେଳେ ଚାକିରି କରିଥିଲେ ପରେ ହୁଏତ କେତେ ବଡ ପୋଷ୍ଟରେ ଅବସର ନେଇଥାଆନ୍ତି। ତେବେ ସେ ଯାହା ହେଉ, ସେ ଚାକିରି କରିବା କଥା ସେଇଠି ହିଁ ବନ୍ଦ ହୋଇଗଲା। ତା'ପରେ ସାମ୍ବାଦିକତା କ୍ଷେତ୍ରରେ କାମ କଲି। ୪/୫ ବର୍ଷ କାମ କରିବା ପରେ ମୋ ବାହାଘର ହେଲା। ସାମ୍ବାଦିକତା ଛାଡ଼ି ଅନ୍ୟତ୍ର କାମ କଲି। ଏହିଭଳି ଭାବେ ଜୀବନର ବିଭିନ୍ନ ମୋଡ଼ରେ ମୋ ପାଖକୁ ରୋଜଗାରର ଅନେକ ସୁଯୋଗ ଆସିଥିଲେ ବି ପ୍ରଥମ ରୋଜଗାରର ସ୍ମୃତି ସବୁଠୁ ନିଆରା ଆଉ ଅପାସୋରା।

# ଅଧା ରହିଲା ମୋ ପ୍ରେମ କାହାଣୀ, କେବେ ଫେରିବ ମୋ ମନର ରାଣୀ

ସାଥୀ



**ପ୍ରଶ୍ନ**–ଥରେ ଜଣେ ସୁନ୍ଦରୀ ପ୍ରେମରେ ପଡିଗଲି। ସେ ମଧ୍ୟ ମୋ ହାତ ଧରି ପ୍ରେମ ରାସ୍ତାରେ ଅନେକ ବାଟ ଚାଲିଲା। ହେଲେ ପରେ ମୋ ଭଲ ପାଇବାକୁ ଗୋଡରେ ଏଡାଇ ଦେଇ ସେ ଚାଲିଗଲା। ସେ କ'ଣ ଆଉ ଫେରି ଆସିବ ?

*–ତପନ କୁମାର, ବାଲେଶ୍ୱର*

**ଉତ୍ତର :** ଆପଣଙ୍କ ପ୍ରଶ୍ନରୁ ଯାହା ଜଣାପଡୁଛି, ସେହି ରଙ୍ଗୀଲା ରାଧାର ଫେରିବା ଚାନ୍ସ ବହୁତ କମ୍। ଯିଏ ଅଧା ବାଟରେ ହାତ ଛାଡିଦେଲା, ତା' ଉପରେ କେମିତି ଆପଣ ଭରସା ରଖିଛନ୍ତି ଜଣାପଡୁନାହିଁ। 'ଅଧା ରହିଲା ମୋ ପ୍ରେମ କାହାଣୀ, କେବେ ଫେରିବ ମୋ ମନର ରାଣୀ'। ଆପଣ ହୁଏତ ଅପେକ୍ଷା କରିପାରନ୍ତି, କିନ୍ତୁ ଯେଉଁଭଳି ଭାବେ ସେ ଚାଲିଯାଇଛି, ଆଉ କାହିଁକି ଲାଗୁନାହିଁ ଯେ ସେ ପୁଣି ଥରେ ଫେରି ଆସି ଆପଣଙ୍କ ଅବୁଝା ମନରେ ହସର ଜୁଆର ଭରିଦେବ। ତେଣୁ ସେଭଳି ପ୍ରେମିକାକୁ ମନେ ପକେଇ ସମୟ ନଷ୍ଟ କରିବା ଅପେକ୍ଷା ଭୁଲି ଯିବା ହିଁ ଭଲ ହେବ।

**ପ୍ରଶ୍ନ**–ଜଣେ ଝିଅ ମୋତେ ଆଖିରେ ଆଖିରେ ଯେଉଁ ସୂଚନା ଦେଉଛି ସେଥିରେ ପ୍ରେମର ବାସ୍ନା ରହିଛି ବୋଲି ଭାବୁଛି। ହେଲେ ତାକୁ କେମିତି ମୋ ମନର କଥା କହିବି ଜାଣି ପାରୁନାହିଁ ?

*–ସୁମନ, ଆନନ୍ଦପୁର, କେନ୍ଦୁଝର*

**ଉତ୍ତର:** ପ୍ରେମକୁ ନେଇ ଯଦି ଆପଣ ଏମିତି ଭାବି ଚାଲିବେ ଆଉ ତାହା ବୁଢ଼ିଆଣୀ ସୂତା ପରି ଲମ୍ବି ଚାଲିବ ତେବେ ତାହାକୁ ନେଇ ଏକ ନନଷ୍ଟପ୍ କାହାଣୀ ରଚନା କରାଯାଇପାରେ। ସେ ସୁନ୍ଦରୀ ଆଖିର ଇସାରାରେ ଯଦି ପ୍ରେମ ଭରି ରହିଛି ବୋଲି ଭାବୁଛନ୍ତି ତେବେ ଡେରି କାହିଁକି କରୁଛନ୍ତି। ଶୁଭସ୍ୟ ଶୀଘ୍ରମ। ତେଣୁ ଯେତେ ଜଲଦି ତା' ମନରେ ଘରଟିଏ କରିଦିଅନ୍ତୁ। ଯଦି ଦୁଇ ପଟରୁ ଇଲୁ ଇଲୁ ଆରମ୍ଭ ହୋଇଗଲା, ବାସ୍, ଧାଡି ଦେଖି ମାଡି ଚାଲନ୍ତୁ।

**ପ୍ରଶ୍ନ**–ମୋତେ ଯିଏ ପ୍ରେମ କରୁଛି, ସେ ମୋତେ ବ୍ଲାକମେଲିଂ କରିବା ଭଳି ଲାଗୁଛି। ତାକୁ ମନରୁ କେମିତି ଆଉଟ୍ କରିବି ସେ ନେଇ ମୋତେ କିଛି ଉପାୟ ବତାଇବେ କି ସାଥୀ ?

*–ପ୍ରସନ୍ନ କୁମାର ନାୟକ, କେନ୍ଦ୍ରାପଡା*

**ଉତ୍ତର:** ପ୍ରେମରେ ଯେତେବେଳେ ମନରେ ସନ୍ଦେହର ବାଦଲ ଭାସିବୁଲେ ସେତେବେଳେ ପାଣିପାଗ ବିଗିଡିବା ଆରମ୍ଭ କରେ। ଆରମ୍ଭରୁ ମିଠା ଲାଗୁଥିବା ପ୍ରେମର ସ୍ୱାଦ ଚାହୁଁ ଚାହୁଁ ପିତା ଲାଗେ। ସେପରି ପ୍ରେମକୁ ଭରସା କରି ଆଗେଇଲେ ତାହା ମରିଚିକା ପଛରେ ଦଉଡିବା ଭଳି ହୋଇଥାଏ। ତେଣୁ ଯଦି ଜାଣୁଛନ୍ତି ଯେ ସେହି ପ୍ରେମିକା ଆପଣଙ୍କୁ ବ୍ଲାକ୍‌ମେଲିଂ କରିବା ଆରମ୍ଭ କଲାଣି ତେବେ ତାହାର ଜଲଦି କିଛି ବ୍ୟବସ୍ଥା କରନ୍ତୁ। ନ ହେଲେ ନେଡି ଗୁଡ କହୁଣୀକୁ ବୋହି ଗଲେ କେବଳ ଅନୁତାପ କରିବା ହିଁ ସାର।

**ପ୍ରଶ୍ନ**–ମୋ ପ୍ରେମିକା ଦେଖିବାକୁ ସୁନ୍ଦର ନୁହେଁ। ମୋର ଜଣେ ସାଙ୍ଗ କହୁଛି ଯେ, ତାକୁ ଛାଡି ନୂଆ ପ୍ରେମିକାଟିଏ ଖୋଜିବାକୁ। କ'ଣ କରିବି ?

*–ବିସ୍ମୟ ପ୍ରହରାଜ, ରାଉରକେଲା*

**ଉତ୍ତର:** ପ୍ରେମିକା ଯେତେ ଅସୁନ୍ଦରୀ ହେଇଥାଉ ପଛକେ, ହେଲେ ପ୍ରେମିକ ପାଇଁ ସେ ଦିବ୍ୟ ସୁନ୍ଦରୀ। କାରଣ ପ୍ରେମ ରୂପରେ ନିହିତ ନ ଥାଏ। ମନରେ ମନ ମିଶିଲେ ହିଁ ପ୍ରେମର ସୃଷ୍ଟି ହୁଏ। ତେଣୁ ଯାହାକୁ ମନ ଦେଇଛନ୍ତି ଏବେ ଉଣା କଲେ କ'ଣ ହେବ ? କାହା କଥାରେ ପଡି ମନର ମାନସୀକୁ ଯଦି ସାଇଡ୍ କରି ନୂଆ ଚ୍ୟାନେଲକୁ ଆପଣେଇ ନିଅନ୍ତି, ସେତେବେଳେ ନିଜର ମନ ବୁଝିବ ତ ? ପ୍ରେମରେ ମନ ଯେଉଁଠି ଥରେ ମାନିଯାଏ ତାକୁ ଭୁଲିବା କେତେ କଷ୍ଟକର କେବଳ ଅନୁଭବୀ ହିଁ ଜାଣେ।

**ପ୍ରଶ୍ନ**– ପ୍ରେମ କିପରି ଆରମ୍ଭ ହୁଏ ତାହା କହିବେ କି ସାଥୀ ?

*–ସୁକାନ୍ତ, ଭୁବନେଶ୍ୱର*

**ଉତ୍ତର:** ପ୍ରେମର ଆରମ୍ଭ କେମିତି ହୁଏ ତାହା ତର୍ଜମା କଲେ କଥାଟି ବୁଢ଼ିଆଣୀ ସୂତା ପରି ଲମ୍ବି ଚାଲିବ। ଗୋଟିଏ କଥା, ପ୍ରେମ କରିବା ପୂର୍ବରୁ ମନ ପ୍ରଥମେ ପରିଷ୍କାର ରଖନ୍ତୁ। ଯାହାକୁ ମନ ତାକୁ ପ୍ରପୋଜ କଲେ ଯେ ଆପଣଙ୍କର ମନୋସ୍କାମନା ପୂରଣ ହେବ ତାହା ଭାବିବା ଠିକ୍ ନୁହେଁ। ତେଣୁ ଏପରି ମନ ସହ ମନ ଫିଟ୍ କରନ୍ତୁ, ଯେମିତି ତାହା ଲାଇଫ୍ ଲଙ୍ଗ୍ ଯୋଡି ହୋଇ ରହିବ।

# ଅକ୍ସିଡାଇଜ୍ଡ ଜୁଏଲେରୀ





**ଜୁଏଲେରୀ ପ୍ରତି ନାରୀଙ୍କର ଦୁର୍ବଳତା ସବୁବେଳେ ରହିଆସିଛି। କାରଣ ଏହା ସେମାନଙ୍କର ରୂପକୁ ଆହୁରି ଆକର୍ଷକ କରିଦେଇଥାଏ। ସେଥିପାଇଁ ତ କିଛି ବି ଅକେଜନ୍ ଆସିଲେ ନିଜକୁ ସଜାଇବା ପାଇଁ ଜୁଏଲେରୀକୁ ନେଇ ଦ୍ୱନ୍ଦ୍ୱରେ ପଡିଯାନ୍ତି ଏମାନେ। କିନ୍ତୁ ଅକ୍ସିଡାଇଜ୍ଡ ଜୁଏଲେରୀ ହେଉଛି ଏମିତି ଏକ ଜୁଏଲେରୀ; ଯାହାକୁ ଯେ କୌଣସି ଅକେଜନ୍ ହେଉ କି ଯେ କୌଣସି ଆଉଟ୍‌ଫିଟ୍ ସହ ମ୍ୟାଚିଂ କରି ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ ...**

* **ନେକ୍‌ଲେସ୍:** ରଜ ହେଉକି ଅନ୍ୟ କୌଣସି ପୂଜାପାର୍ବଣ ସମୟରେ ଯଦି ଝିଅମାନେ ଲେହେଙ୍ଗା କିମ୍ବା ଶାଢି ସାଙ୍ଗକୁ ଡିପ୍ ନେକ୍ ବାଲା ବ୍ଲାଉଜ୍ ପିନ୍ଧିବାକୁ ଯୋଜନା କରିଛନ୍ତି, ତା'ହେଲେ ଏହାକୁ ଆହୁରି ଆକର୍ଷଣୀୟ କରିବାକୁ ବେକରେ ମ୍ୟାଚିଂ କରି ଅକ୍ସିଡାଇଜ୍ଡ ଚୋକର ଷ୍ଟାଇଲ୍ ନେକ୍‌ଲେସ୍ ପିନ୍ଧି ପାରିବେ। ଏବେ ତ ଅନ୍‌ଲାଇନ୍‌ରେ ବି ଖୁବ୍ ସୁନ୍ଦର ସୁନ୍ଦର ଡିଜାଇନ୍‌ର ଅକ୍ସିଡାଇଜ୍ଡ ନେକ୍‌ଲେସ୍ ବି ମିଳୁଛି। ନିଜ ଆଉଟ୍‌ଫିଟ୍‌କୁ ମ୍ୟାଚ୍ କଲାଭଳି ତଥା ନିଜ ଲୁକ୍‌କୁ ସୁନ୍ଦର ଲାଗିଲା ଭଳି ଯେ କୌଣସି ଡିଜାଇନ୍‌ର ଅକ୍ସିଡାଇଜ୍ଡ ନେକ୍‌ଲେସ୍ ପିନ୍ଧି ଝିଅମାନେ ଷ୍ଟାଇଲିଶ୍ ଲୁକ୍ ପାଇପାରିବେ।
* **ଚୁଡ଼ି:** ଏଥ୍‌ନିକ୍ ଆଉଟ୍‌ଫିଟ୍ ସାଙ୍ଗକୁ ବି ଅକ୍ସିଡାଇଜ୍ଡ ଜୁଏଲେରୀ ବେଶ୍ ସୁନ୍ଦର ଦେଖାଯାଇଥାଏ। ବିଶେଷକରି ହାତର ସୌନ୍ଦର୍ଯ୍ୟ ପାଇଁ ଷ୍ଟାଇଲିଶ୍ କଡ଼ା ହେଉ କିମ୍ବା ବାଲା ବି ପିନ୍ଧି ନିଜକୁ ସଜାଇ ପାରିବେ। ଏବେ ତ ମାର୍କେଟ୍‌ରେ ଅକ୍ସିଡାଇଜ୍ଡର ଖୁବ୍ ସୁନ୍ଦର ସୁନ୍ଦର ଚୁଡ଼ି ବି ମିଳୁଛି, ଯାହାକୁ ଶାଢି ହେଉକି ସାଲୱାର୍ କମିଜ୍ ସାଙ୍ଗରେ ପିନ୍ଧିଲେ ବେଶ୍ ଭଲ ମାନିଥାଏ।
* **ମୁଦି:** ଗୋଟିଏ ସୁନ୍ଦର, ସୁରୁଚିପୂର୍ଣ୍ଣ ତଥା ବିଶେଷ ଭାବେ ଡିଜାଇନ୍ କରାଯାଇଥିବା ରିଂ ବା ମୁଦି ବି କାହାର ଧ୍ୟାନ ଆକର୍ଷଣ କରିବାକୁ ଯଥେଷ୍ଟ ହୋଇଥାଏ। ମୁଖ୍ୟତଃ ଫେଷ୍ଟିଭ୍ ସିଜିନ୍‌ରେ ଅକ୍ସିଡାଇଜ୍ଡର ଗୋଟିଏ ବଡ଼ ସାଇଜ୍ ମୁଦି ସାଙ୍ଗକୁ ମ୍ୟାଚିଂ କରି ଇଣ୍ଡିଗୋ କଲର୍‌ର ଶାଢି ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷକ ଲାଗିଥାଏ। କେବଳ ଶାଢି କାହିଁକି ଏହି ଟାଇପ୍‌ର ମୁଦିକୁ ଯେ କୌଣସି ଟ୍ରାଡିସ୍‌ନାଲ୍ ଆଉଟ୍‌ଫିଟ୍ ସାଙ୍ଗରେ ପେୟାର୍ କଲେ ବି ଲୁକ୍ ବହୁତ ଭଲ ଦେଖାଯାଇଥାଏ।
* **ଇୟର ରିଂ:** ଅକ୍ସିଡାଇଜ୍ଡ ଇୟର ରିଂ ବି କେବେ ଆଉଟ୍ ଅଫ୍ ଟ୍ରେଣ୍ଡ ହୋଇ ନ ଥାଏ। ଟିକେ ବଡ଼ ସାଇଜ୍‌ର ତଥା ଆକର୍ଷଣୀୟ ଦେଖାଯାଉଥିବା ଝୁମ୍‌କା ହେଉ ଅବା ପେଣ୍ଡି ଷ୍ଟାଇଲ୍ ଇୟର ରିଂକୁ କଟନ୍ ଶାଢି ହେଉକି ଲେହେଙ୍ଗା, ସାଲୱାର୍ କମିଜ୍, ପ୍ଲାଜୋ ସାଙ୍ଗରେ ମ୍ୟାଚିଂ କରି ପିନ୍ଧିଲେ ବେଶ୍ ଆରାମରେ ସୋବର୍ ଲୁକ୍ ମିଳିଯାଏ।

**କିଛି ଟିପ୍ସ**

- ଅକ୍ସିଡାଇଜ୍ଡ ଜୁଏଲେରୀକୁ ଆଉଟ୍‌ଫିଟ୍ ସାଙ୍ଗେ ମ୍ୟାଚ୍ କଲାବେଳେ ମେକ୍‌ଅପ୍‌କୁ ଯେତେ ହାଲ୍‌କା ରଖିବେ ସେତେ ଭଲ।
- ଏବେ ତ ଅକ୍ସିଡାଇଜ୍ଡର ନଥ୍ ବି ଆସିଲାଣି। ଏହାକୁ ଶାଢି ସାଙ୍ଗେ ମ୍ୟାଚିଂ କରି ପିନ୍ଧିଲେ ଟିକେ ଡିଫରେଣ୍ଟ ଲୁକ୍ ମିଳିଥାଏ।
- ତେବେ କେବଳ ଶାଢି କି ସାଲୱାର୍ ସୁଟ୍ କାହିଁକି ଯେଉଁମାନେ ଜିନ୍ସ ଅବା ଅନ୍ୟ କୌଣସି ମଡର୍ଣ୍ଣ ଡ୍ରେସ୍ ପିନ୍ଧୁଛନ୍ତି, ସେମାନେ ଚାହିଁଲେ ବି ଛୋଟ ଛୋଟ ଅକ୍ସିଡାଇଜ୍ଡ ଇୟର ରିଂ ହେଉ କି ଅନ୍ୟ କୌଣସି ଷ୍ଟାଇଲିଶ୍ ଡିଜାଇନ୍‌ର ଅକ୍ସିଡାଇଜ୍ଡ ଜୁଏଲେରୀ ପିନ୍ଧି ଷ୍ଟାଇଲିଶ୍ ଲୁକ୍ ପାଇପାରିବେ।
- ଅକ୍ସିଡାଇଜ୍ଡ ଜୁଏଲେରୀକୁ କେବେ ବି ଅନ୍ୟ କୌଣସି ଜୁଏଲେରୀ ସହ ମ୍ୟାଚିଂ କରି ପିନ୍ଧିବେ ନାହିଁ। କାରଣ ଏହାର ଏକ ସ୍ୱତନ୍ତ୍ରତା ରହିଛି।







ସ୍ୱପ୍ନା

## ହାଃ ହାଃ

### ଜେଲ୍

ଜଣେ ବ୍ୟକ୍ତି ଗାଡି ଚଳାଇ ଗଲାବେଳେ ଏକ ଶୁଆ ଆସି ଗାଡିରେ ବାଡେଇ ହେଇ ବେହୋସ୍ ହେଇଗଲା। ଏହା ଦେଖି ଗାଡି ଚାଳକ ଶୁଆଟିକୁ ଘରକୁ ନେଇଆସି ପାଣି ଛାଟିଲେ ଓ ତାକୁ ଏକ ପିଞ୍ଜରା ଭିତରେ ରଖିଦେଲେ।
କିଛି ସମୟ ପରେ ଯେତେବେଳେ ଶୁଆର ହୋସ୍ ଆସିଲା ସେ କହିଲା: ଆଇଲା...ମୁଁ ଜେଲ୍‌ରେ ଅଛି ? ମୁଁ ଗାଡିରେ ପିଟି ହେବା ଯୋଗୁ ଚାଳକ ମରିଗଲା ନା କ'ଣ ?

### ଶେଷ ବାକ୍ୟ

ଓକିଲ: ହତ୍ୟା ରାତିରେ ଆପଣଙ୍କ ସ୍ୱାମୀ ଆପଣଙ୍କୁ କହିଥିବା ଶେଷ ବାକ୍ୟ କ'ଣ ଥିଲା।
ହତ୍ୟା କରିଥିବା ସ୍ତ୍ରୀ: କହିଥିଲେ-ଗୋଟେ ଗ୍ଲାସ୍ ପାଣି ଆଣିଦିଅ ସୋନମ୍।
ଓକିଲ: ଏଥିରେ ସ୍ୱାମୀଙ୍କୁ ହତ୍ୟା କରିବାର କ'ଣ ଥିଲା ?
ହତ୍ୟାକାରୀ ସ୍ତ୍ରୀ: ମୋ ନାଁ ସୋନମ୍ ନୁହେଁ ମନସ୍ୱିତା ଅଟେ।


### କେତେଟା ତ୍ରୁଟି

ଶିକ୍ଷକ: ଜଣେ ମହିଳା ଏକ ଘଣ୍ଟାରେ ୫୦ଟି ତ୍ରୁଟି ତିଆରି କରୁଛନ୍ତି। ତେବେ ଚାରିଜଣ ମହିଳା ଏକ ଘଣ୍ଟାରେ କେତୋଟି ତ୍ରୁଟି ତିଆରି କରିବେ ? କିଏ କହିବ ?
ମଣ୍ଟୁ: ସାର୍ ମୁଁ କହିବି।
ଶିକ୍ଷକ: ହଉ କହ।
ମଣ୍ଟୁ: ଗୋଟେ ବି କରିପାରିବେନି।
ଶିକ୍ଷକ: କ'ଣ ?
ମଣ୍ଟୁ: ହଁ ସାର୍, ଚାରିଜଣ ମହିଳା ଏକାଠି ହେଇଗଲେ ତ୍ରୁଟି କରିବେ କ'ଣ ବସି ଗପସପ୍ ଓ ଚୁଗୁଲି କରିବେ।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।





## ବର୍ଷାରେ ଭ୍ରମଣ

# ଚେରାପୁଞ୍ଜି

**ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟରେ ଭରା ଚେରାପୁଞ୍ଜି ହେଉଛି ମେଘାଳୟର ଏମିତି ଏକ ସ୍ଥାନ; ଯେଉଁଠାରେ ମାତ୍ରାଧିକ ବର୍ଷା ହୋଇଥାଏ। ପାହାଡ, ପର୍ବତ ଘେରା ସାଙ୍ଗକୁ କଳକଳ ନାଦ କରି ବୋହି ଯାଉଥିବା ନଦୀ ଓ ଝରଣାର ଦୃଶ୍ୟ ସ୍ଥାନୀୟ ପରିବେଶକୁ ବେଶ୍ ଆକର୍ଷଣୀୟ କରିଦିଏ। ଅନ୍ୟଦିନ ତୁଳନାରେ ବର୍ଷାଦିନେ ଏଠାକାର ସୌନ୍ଦର୍ଯ୍ୟ ଦେଖିବାଯୋଗ୍ୟ ହୋଇଥାଏ ...**

ମେଘାଳୟର ଏକ ଆକର୍ଷଣୀୟ ମନ୍‌ସୁନ୍ ଡେଷ୍ଟିନେଶନ ହେଉଛି ଚେରାପୁଞ୍ଜି। ସବୁଜ ସୁନ୍ଦର ପରିବେଶ ସାଙ୍ଗକୁ ନଦୀ, ଝରଣାର କଳକଳ ନାଦ ଏଠାକାର ପରିବେଶକୁ ବେଶ୍ ଆକର୍ଷଣୀୟ କରିଦିଏ। ରିମ୍‌ଝିମ୍ ବର୍ଷାରେ ଭିଜିଭିଜି ଏଠାକାର ପାହାଡ଼, ପର୍ବତ, ଝରଣା ଆଦିକୁ ବୁଲି ଦେଖିବାରେ ମିଳିଥାଏ ଏକ ଅପୂର୍ବ ଆନନ୍ଦ।

ଚେରାପୁଞ୍ଜି ; ଯାହାକି ମେଘାଳୟର ଇଷ୍ଟ ଖାସି ହିଲ୍ସ ଜିଲାରେ ଅବସ୍ଥିତ। ଏହାକୁ କେହି କେହି ସୋହରା ବୋଲି ବି କହିଥାନ୍ତି। ସମୁଦ୍ରପତ୍ତନରୁ ପ୍ରାୟ ୪୬୯୦ ଫୁଟ ଉଚ୍ଚତାରେ ଥିବା ଏହି ସ୍ଥାନରେ କୁଆଡ଼େ ମାତ୍ରାଧିକ ବର୍ଷା ହୋଇଥାଏ ବୋଲି ସୂଚନା ରହିଛି। ସେଥିପାଇଁ ଏଠାକାର ଜଳବାୟୁ ବର୍ଷସାରା ବେଶ୍ ମନୋରମ ରହିଥାଏ। ବିଶେଷକରି ବର୍ଷାଦିନେ ତ ଏଠାକାର ପ୍ରାକୃତିକ ଦୃଶ୍ୟକୁ ଉପଭୋଗ କରିବା ବେଶ୍ ମନଲୋଭା ହୋଇଥାଏ। କାରଣ ଏଠାକାର ନଦୀ, ପୋଖରୀ ଆଦିରେ ପାଣି ଭର୍ତ୍ତି ହୋଇ ରହିଥାଏ। ସେହିପରି ପାହାଡ ଉପରୁ ବୋହୁଥିବା ଝରଣାର କ୍ଷିପ୍ର ଗତି ବି ଦେଖିବାକୁ ଖୁବ୍ ଆକର୍ଷକ ଲାଗିଥାଏ। ଖାସ୍ ସେଇଥିପାଇଁ ଅଧିକାଂଶ ପର୍ଯ୍ୟଟକ ଚେରାପୁଞ୍ଜିକୁ ବୁଲିଯିବା ପାଇଁ ବର୍ଷାଦିନକୁ ହିଁ ଚୟନ କରିଥାନ୍ତି।

### କ'ଣ ଦେଖିବେ

ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଚେରାପୁଞ୍ଜି ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଅନେକ ଦର୍ଶନୀୟ ସ୍ଥାନମାନ ରହିଛି। ଯେମିତିକି:

**ଲିଭିଙ୍ଗ୍ ରୁଟ୍ ବ୍ରିଜ୍:** ଏହା ହେଉଛି ଚେରାପୁଞ୍ଜିର ସ୍ୱତନ୍ତ୍ରତା। ଅର୍ଥାତ୍ ଏଠାରେ ବସବାସ କରୁଥିବା ଲୋକମାନେ କେମିତି ସୁବିଧାରେ ଯିବା ଆସିବା କରିବା ପାଇଁ ଗଛର ଓହଳ ତଥା ଚେରକୁ ବ୍ୟବହାର କରି ମଜଭୁତ୍ ବ୍ରିଜ୍ ତିଆରି କରିହେବ ତା'ର କଳା ବେଶ୍ ଭଲ ଭାବେ ଜାଣିଛନ୍ତି। ସେଥିପାଇଁ ଏହି ଅଞ୍ଚଳର ବିଭିନ୍ନ ସ୍ଥାନରେ ଏକାଧିକ ଲିଭିଙ୍ଗ୍ ରୁଟ୍ ବ୍ରିଜ୍ ଥିବାର ଦେଖିବାକୁ ମିଳିଥାଏ। ପର୍ଯ୍ୟଟକ ଚାହିଁଲେ ଏହି ଲିଭିଙ୍ଗ୍ ରୁଟ୍ ବ୍ରିଜ୍‌ଗୁଡ଼ିକୁ ବୁଲି ଦେଖି କିଛିଟା ନିଆରା ଅନୁଭୂତି ସାଉଁଟିପାରିବେ। ତେବେ ବର୍ଷାଦିନେ ସତର୍କତାର ସହ ଏହା ଉପରେ ଯା'ଆସ କରିବାକୁ ପଡିଥାଏ। ନଚେତ୍ ଓଦାରେ ଗୋଡ଼ ଖସିଯିବାର ଆଶଙ୍କା ଥାଏ।

**ଜଳପ୍ରପାତ:** ଚେରାପୁଞ୍ଜି ଓ ଏହାର ଆଖପାଖ ଅଞ୍ଚଳରେ ବହୁ ସୁନ୍ଦର ସୁନ୍ଦର ଜଳପ୍ରପାତ ଥିବାର ପର୍ଯ୍ୟଟକ ଦେଖିବାକୁ ପାଇପାରିବେ। ତନ୍ମଧ୍ୟରୁ ସେଭେନ୍ ସିଷ୍ଟର୍ସ ୱାଟର୍ ଫଲ୍, ନୋହକାଲିକାଇ ୱାଟର୍ ଫଲ୍ ହେଉଛି ଅନ୍ୟତମ। ଏହି ଦୁଇଟି ଜଳପ୍ରପାତର ଆକର୍ଷଣୀୟ ଦୃଶ୍ୟ କାହାକୁ ବି ଆନମନା କରିପାରେ। କେବଳ ଏହି ଦୁଇଟି କାହିଁକି ଆହୁରି ବି ଅନେକ ଛୋଟ ଛୋଟ ଜଳପ୍ରପାତ ଚେରାପୁଞ୍ଜିର ଆଖପାଖ ଅଞ୍ଚଳରେ ଦେଖିବାକୁ ମିଳିଥାଏ। ପର୍ଯ୍ୟଟକ ଚାହିଁଲେ ସ୍ଥାନୀୟ ଟୁରିଷ୍ଟ ଗାଇଡ୍‌ଙ୍କଠାରୁ ଏ ସମ୍ପର୍କରେ ବୁଝି ସେଠାକୁ ବି ବୁଲି ଯାଇପାରିବେ।

ଏସବୁ ବ୍ୟତିତ ଏଠାକାର ପାହାଡ, ଜଙ୍ଗଲ ଘେରା ପରିବେଶ ବି ପର୍ଯ୍ୟଟକଙ୍କୁ କିଛିଟା ଭିନ୍ନ ଅନୁଭୂତି ପ୍ରଦାନ କରିଥାଏ।

### କେବେ ଯିବେ

ବର୍ଷର ସବୁ ସମୟରେ ବୁଲିଯିବାର ସୁବିଧା ଥିଲେ ହେଁ, ଚେରାପୁଞ୍ଜିକୁ ବୁଲି ଆସିବା ପାଇଁ ବର୍ଷାଦିନ ହେଉଛି ସବୁଠୁ ଭଲ ସମୟ। କାରଣ ଏହିଦିନେ ଏଠାକାର ନଦୀ, ଝରଣା, ପାହାଡ, ପର୍ବତର ସୌନ୍ଦର୍ଯ୍ୟ ଅଧିକ ଆକର୍ଷଣୀୟ ଲାଗିଥାଏ। ଆଉ ଏଠାରେ ମାତ୍ରାଧିକ ବର୍ଷା ହେଉଥିବାରୁ ବର୍ଷାର ପ୍ରକୃତ ଆନନ୍ଦ କ'ଣ ତାହା ଏଠି ଅନୁଭବ କରିହୁଏ। କିନ୍ତୁ ବର୍ଷାଦିନେ ଟିକେ ସତର୍କତାର ସହ ବୁଲିବାକୁ ହୋଇଥାଏ। କାରଣ ବର୍ଷା ଯୋଗୁ ରାସ୍ତାଘାଟରେ ଗୋଡ଼ ଖସିଯିବାର ସମ୍ଭାବନା ରହିଥାଏ। ଏସବୁ କଥା ଜାଣି ବି ବହୁ ସଂଖ୍ୟାରେ ପର୍ଯ୍ୟଟକ ବର୍ଷାଦିନେ ହିଁ ଏଠାକୁ ବୁଲି ଆସିଥାନ୍ତି।

### କେମିତି ଯିବେ

ସଡ଼କପଥ ହେଉ କି ରେଳପଥ ଅଥବା ଆକାଶପଥ, ପର୍ଯ୍ୟଟକ ଯେଉଁଥିରେ ଚାହିଁବେ ସେଥିରେ ଆରାମରେ ଯାଇ ଚେରାପୁଞ୍ଜିରେ ପହଞ୍ଚିପାରିବେ।





# ଫାଦର୍ସ ଡେ’ ପଛରେ କଥା



**ପ୍ରତିବର୍ଷ ଜୁନ୍ ତୃତୀୟ ରବିବାରକୁ ପିତୃ ଦିବସ ଭାବେ ପାଳନ କରାଯାଏ । ବାପାଙ୍କ ତ୍ୟାଗ, ବଳିଦାନକୁ ସମ୍ମାନ ଜଣାଇବା ପାଇଁ ଏହା ହେଉଛି ଦିନଟିଏ । ତେବେ ଜାଣନ୍ତି କି କେବେଠୁ ଓ କାହାର ପ୍ରୟାସରେ ଆରମ୍ଭ ହୋଇଥିଲା ଏହି ପିତୃ ଦିବସ ? ଜାଣନ୍ତୁ ସେ ସମ୍ପର୍କରେ...**

ଫାଦର୍ସ ଡେ’ ପାଳନ ପଛରେ ଅନେକ କାହାଣୀ ଜଡ଼ିତ ଅଛି । ସେଥିମଧ୍ୟରେ ଦୁଇଟି କଥା ବହୁ ପ୍ରଚଳିତ । ସେଥିମଧ୍ୟରୁ ପ୍ରଥମଟି ହେଉଛି– ୧୯୦୭ ମସିହା ପଶ୍ଚିମ ଭର୍ଜିନିଆର ମୋନୋଗାହର ଏକ ଖଣିରେ ଦୁର୍ଘଟଣା ଘଟିଥିଲା । ଯେଉଁଥିରେ ୩୬୧ରୁ ଊର୍ଦ୍ଧ୍ୱ ପୁରୁଷ ଶ୍ରମିକଙ୍କର ମୃତ୍ୟୁ ହୋଇଥିଲା । ତନ୍ମଧ୍ୟରେ ଅତିକମ୍‌ରେ ୨୧୦ଜଣରୁ ଊର୍ଦ୍ଧ୍ୱ ଶ୍ରମିକ ଥିଲେ କାହାର ନା କାହାର ବାପା । ପିଲାମାନଙ୍କ ପାଇଁ ସେମାନଙ୍କ ବଳିଦାନ ଲାଗି ୧୯୦୮ ମସିହାରେ ଗ୍ରେସ୍ ଗୋଲ୍ଡେନ କ୍ଲେଟନ୍ ନାମ୍ନୀ ଜଣେ ମହିଳା ସ୍ଥାନୀୟ ଚର୍ଚ୍ଚର ଧର୍ମଯାଜକଙ୍କୁ ଅନୁରୋଧ କରିଥିଲେ ଯେ ସେମାନଙ୍କ ସମ୍ମାନାର୍ଥେ ଦିବସଟିଏ ବା ପିତୃ ଦିବସ ପାଳନ ହେଉ । କୁହାଯାଏ କ୍ଲେଟନ୍ ହିଁ ପ୍ରଥମ ମଣିଷ ଯିଏକି ପିତୃ ଦିବସ ପାଳନ ପାଇଁ ପ୍ରୟାସ କରିଥିଲେ । ଆଉ ୧୯୦୮ ଜୁଲାଇ ୫ ତାରିଖରେ ପ୍ରଥମ ଫାଦର୍ସ ଡେ ପାଳନ ହୋଇଥିଲା । ଏହାଛଡ଼ା ଆଉ ଏକ କଥାନୁସାରେ ୧୯୦୯ ମସିହାରେ ସୋନୋରା ସ୍ମାର୍ଟ ଡଡଙ୍କୁ ଫାଦର୍ସ ଡେ ଆରମ୍ଭ କରିବାର ଶ୍ରେୟ ଦିଆଯାଏ । ସୋନୋରାଙ୍କ ବାପା ଥିଲେ ୱିଲିୟମ ଜ୍ୟାକ୍‌ସନ୍ ସ୍ମାର୍ଟ । ତାଙ୍କର ଆମେରିକା ଗୃହଯୁଦ୍ଧରେ ଥିଲା ପ୍ରମୁଖ ଭୂମିକା । ସୋନୋରାଙ୍କୁ ଯେବେ ୧୬ ବର୍ଷ ବୟସ ହୋଇଥିଲା ତାଙ୍କ ମା’ ଏଲେନ୍ ଭିକ୍ଟୋରିଆ ଚିକ୍ ସ୍ମାର୍ଟ ଷଷ୍ଠ ସନ୍ତାନ ପ୍ରସବ କଲାବେଳେ ମୃତ୍ୟୁବରଣ କରିଥିଲେ । ଏଭଳି ସମୟରେ ସୋନୋରାଙ୍କ ବାପା ଏକୁଟିଆ ସଦ୍ୟଜାତ ପୁଅ ମାର୍ଶଲ ସହ ଅନ୍ୟ ପାଞ୍ଚ ସନ୍ତାନଙ୍କ ଲାଳନପାଳନ କରିଥିଲେ । ସେମାନଙ୍କୁ ଉଭୟ ମା’ ଓ ବାପାର ସ୍ନେହ ଦେଇଥିଲେ । ସୋନୋରା ବି ବାପାଙ୍କୁ ନିଜ ସାନ ଭାଇ ଭଉଣୀଙ୍କ ଲାଳନପାଳନରେ ସାହାଯ୍ୟ କରୁଥିଲେ । ବାପାଙ୍କ ପ୍ରତି ଥିଲା ତାଙ୍କର ବହୁତ ସମ୍ମାନ ଓ ଭଲ ପାଇବା । ସନ୍ତାନଙ୍କ ପାଇଁ ବାପା କିଭଳି ନିଜ ଜୀବନକୁ ସମର୍ପି ଦେଇଥିଲେ ତାହା ତାଙ୍କୁ ପ୍ରେରଣା ଦେଉଥିଲା । ଦିନେ ସେ ଯେତେବେଳେ ଜାଣିବାକୁ ପାଇଲେ ଯେ ମଦର୍ସ ଡେ ପାଳନ ଆରମ୍ଭ ହୋଇଛି, ସେ ଅନୁଭବ କଲେ ବାପାଙ୍କ ତ୍ୟାଗକୁ ସମ୍ମାନିତ କରିବା ଲାଗି ବି ଦିବସଟି ପାଳନ ହେବା ଜରୁରୀ । ତେଣୁ ସେ ସ୍ପୋକେନ ମିନିଷ୍ଟେରିଆଲ ଏଲାଏନ୍ସକୁ ଏଭଳି ଏକ ଦିବସ ପାଳନ କରିବାକୁ ଅନୁରୋଧ କରିଥିଲେ । ତା’ସହ ଅନୁରୋଧ କରି କହିଥିଲେ ତାଙ୍କ ବାପାଙ୍କ ଜନ୍ମଦିନ ତଥା ଜୁନ୍ ୫ ତାରିଖକୁ ପିତୃଦିବସ ଭାବେ ପାଳନ କରାଯାଉ । ତେବେ ଏଲାଏନ୍ସ ଜୁନ୍ ମାସର ତୃତୀୟ ରବିବାରକୁ ପିତୃ ଦିବସ ଭାବେ ପାଳନ କରିବାକୁ ଚୟନ କରିଥିଲେ । ଆଉ ପ୍ରଥମ ପିତୃ ଦିବସ ୧୯୧୦ ମସିହା, ଜୁନ୍ ୧୯ରେ ୱାଶିଂଟନର ସ୍ପୋକେନ୍‌ରେ ପାଳନ ହେଲା । ଧୀରେ ଧୀରେ ପିତୃ ଦିବସ ପାଳନ ଲୋକପ୍ରିୟ ହେବାକୁ ଲାଗିଲା । ଆଉ ଚାରିଆଡ଼େ ପାଳନ ହେଲା । ୧୯୧୬ ମସିହାରେ ରାଷ୍ଟ୍ରପତି ଉଡ୍ରୋ ଉଇଲସନ୍ ପିତୃ ଦିବସ ପାଳନକୁ ପ୍ରଶଂସା କରି ସ୍ପୋକେନ୍‌କୁ ଟେଲିଗ୍ରାଫ ପଠାଇଥିଲେ । ୧୯୬୬ ମସିହାରେ ରାଷ୍ଟ୍ରପତି ଲିନଡନ୍ ବି. ଜନ୍‌ସନ୍ ଜୁନ୍ ମାସ ତୃତୀୟ ରବିବାରକୁ ପିତୃ ଦିବସ ଭାବେ ଘୋଷଣା କରିଥିଲେ । ପରେ ଏହା କେବଳ ଆମେରିକାରେ ନୁହେଁ ବରଂ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବେଲଜିୟମ୍, ବ୍ରାଜିଲ, ଫ୍ରାନ୍ସ, ନରୱେ, ଜର୍ମାନୀ, ନ୍ୟୁଜିଲାଣ୍ଡ, ଜାପାନ ଓ ଭାରତ ସମେତ ପୃଥିବୀର ବହୁ ବଡ଼ ବଡ଼ ଦେଶରେ ପାଳନ ହେବାକୁ ଲାଗିଲା ।



# ଭାରତର ସବୁଠୁ ବଡ଼ ଦୋଳି



ଦୋଳି ଖେଳିବାକୁ କିଏ ବା ଭଲ ନ ପାଏ । କାହିଁକି ନା ଦୋଳି ଖେଳର ମଜା ହିଁ ଅଲଗା । ସେଥିପାଇଁ ତ ବିଭିନ୍ନ ପ୍ରକାରର ଦୋଳି ଅଛି । ଆଉ ଏହି ଦୋଳିକୁ ନେଇ ପର୍ବ ବି ପାଳନ ହୁଏ । ତେବେ ଜାଣନ୍ତି କି ଭାରତର ସବୁଠୁ ବଡ଼ ଦୋଳି କେଉଁଟି ? ତା’ର ନାଁ ହେଉଛି ‘ହିମାଳୟନ ସ୍ୱିଙ୍ଗ’, ଯାହାକି ରିଶିକେଶରେ ଅଛି । ଏହି ଦୋଳିରେ ଯିଏ ଥରେ ବସି ଝୁଲିଛି ସାରା ଜୀବନ ଭୁଲି ପାରିବନି ଏହାର ଅନୁଭୂତି । ଆଡ୍‌ଭେଞ୍ଚର ପ୍ରିୟ ମଣିଷଙ୍କ ପାଇଁ ଉଦ୍ଦିଷ୍ଟ ଏହି ଦୋଳି । ଦୁର୍ବଳ ହୃଦୟର ମଣିଷ ଏଥିରେ ବସିପାରିବେ ନାହିଁ । ୧୧୩ ମିଟର ବା ୩୬୯ ଫୁଟ୍ ଉଚ୍ଚତାରେ ଝୁଲି ରହିଥିବା ଏହି ଦୋଳିରେ ବସିଲେ ବହୁ ଉଚ୍ଚତାରେ ଏକ ପେଣ୍ଡୁଲମ୍ ଭଳି ଝୁଲିବା ପରି ଲାଗିବ । ତା’ସହ ପାହାଡ, ଜଙ୍ଗଲଭରା ସୁନ୍ଦର ପ୍ରାକୃତିକ ଦୃଶ୍ୟ ଦେଖିପାରିବେ । ତଳେ ବହି ଯାଉଥିବା ଗଙ୍ଗା ନଦୀର ମନଲୋଭା ପ୍ରାକୃତିକ ଦୃଶ୍ୟ ବେଶ୍ ଯାଦୁକରୀ ଲାଗେ ।

# ଡେଉଁଛି ଡାହାଣ ଆଖି



## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

'ତା'ର ଦେଖି, ଡେଉଁଛି ମୋର ଡାହାଣ ଆଖି' ! କଥାଟା ଖୋଲିକି ନ କହିଲେ, ଆପଣଙ୍କ ମନ ବୁଝିବନି କି ସନ୍ଦେହ ଦୂର ହେବନି। ଏଇ ଆମ ଅଳି ଭାଉଜ ମ ! ଅତୁଳ ଭାଇ,ମାନେ ତାଙ୍କ ନିଜ ପତିଙ୍କି ଟିକେ ଗାଳି କରିଦେଲେ ବୋଲି, ସେ ନ ଖାଇ ନ ପିଇ ରାଗି ରୁଷି ଖଟରେ ମୁହଁ ମାଡ଼ି ପଡ଼ିଥିଲେ। ଯୋଗକୁ ସେଦିନ ସରକାରୀ ଛୁଟି ପାଇଁ ଅଫିସ ବନ୍ଦ ଥିବାରୁ, ସକାଳ ଓଳି ସମୟ କାଟିବାକୁ ଭାଇଙ୍କ ସହକର୍ମୀ ଜଇନ ବାବୁ ଅନାହୁତ ଆଗମନ କରି ଦୁଆର ମୁହଁରେ ନାଁ ଧରି ଡାକ ପକେଇଲେ– ଆହେ ଅତୁଳ ବାବୁ ! ଘରେ ଅଛ କି ନାହଁ ? ଅଳି ଭାଉଜ ଆଗୁଆ ବାହାରି ପଡି ଉତ୍ତର ଦେଲେ.. ହଁ ହଁ ଅଛନ୍ତି। ଆପଣ ଭିତରକୁ ଆସନ୍ତୁ। ଜଇନ ବାବୁ ବୈଠକଖାନାରେ ବସି ଟିକେ ଉଣ୍ଡି କହିଲେ.. ଏଁ ବାବୁ କାହିଁ ଦିଶୁ ନାହାନ୍ତି ? ହେ ଭାଉଜ ! ଭାଇ କ'ଣ ପାଇଖାନା ଯାଇଛନ୍ତି କି ? ଭାଉଜ କହିଲେ, ନାଇଁ ମ, କାଲିଠୁ ତ ହୋଇନି ଖାନା, କେମିତି ହେବ ପାଇଖାନା ? ସେ ପରା ତାଙ୍କ ଶୟନ କକ୍ଷରେ ଖଟ ଉପରେ କରିଛନ୍ତି ବିରାଜମାନ ! ଜଇନ ବାବୁ ପଚାରିଲେ, ଦିନ ଏଗାର ବାଜିଲାଣି, ଏଯାଏ ଶୟନର କି କାରଣ ? ଭାଉଜ କହିଲେ ହେ ସେମିତି କିଛି ନାହିଁ ମ, ଟିକେ କରିଦେଲି ବୋଲି ଗାଳି, ସେଇଥିରେ ଏତେ ରାଗ ଯେ, ସିଧା ଖଟରେ ପଡିଛନ୍ତି ଢଳି। ବାବୁଙ୍କୁ ଯେତେ ଡାକିଲେ ବି ଉଠୁ ନାହାନ୍ତି। ଏଥର ଜଇନବାବୁ ସିଧା ଶୟନ କକ୍ଷରେ ପ୍ରବେଶ କରି ଡାକ ଛାଡିଲେ ଅତୁଳ ବାବୁ! ଆହେ ଏଯାଏ ଶୋଇଛ କ'ଣ ? କଥାରେ ପରା ଅଛି, ''ବନ୍ଧୁର ଆଗମନ ଦେଖି, ଉଠିବ ଆସନ ଉପେକ୍ଷି'' ! ମୋ ଭଳିଆ ଭଲ ବନ୍ଧୁର ପାଟି ଶୁଣି, ଉଠିବାକଥା ସେଇକ୍ଷଣି ! ନ ଜାଣିଲା ପରି ପଚାରିଲେ ହେ ଭାଉଜ ! ଭାଇଙ୍କର କ'ଣ ହେଇଛି କି ? ଭାଉଜ କହିଲେ, କଥା ସେମିତି କିଛି ନାହିଁ। କାଲି କହିଲି ଏଥର ସାବିତ୍ରୀ ଓଷାରେ ମୋ ପାଇଁ ଟଙ୍କା ମାତ୍ର ପାଞ୍ଚ ହଜାରରେ ଶାଢ଼ି କିଣିବାକୁ ଟଙ୍କା ଦେଇଦେବ। ସେଇ କଥାକୁ ନେଇ ଟିକେ ବୋଲାବୋଲି ହେଇଗଲାରୁ, ଟିକେ ଗାଳି ଦେଲି। ବାସ, କଥା ଏତିକି। ଜଇନବାବୁ କହିଲେ, ହଇ ହୋ ଅତୁଳ ବାବୁ ! ତମେ ମୋଠାରୁ ଟିକେ ଶିଖ। ଆହେ ମୋ ପତ୍ନୀ, ମାନେ ତମ ଯମୁନା ଭାଉଜ ପରା କଥା କଥାକେ ମୋ ଉପରେ ହାତ ଉଠେଇ ଦେଉଛନ୍ତି। କାହିଁ, ମୋର ତ କେବେ ରାଗ–ରୁଷା ନାହିଁ ! କଥାରେ କହନ୍ତି– ଗିରସ୍ତ–ଭାରିଯା କଳି, ଆଙ୍ଗୁଠି ସନ୍ଧାର ମଳି। ସକାଳେ ଝଗଡ଼ା ଖରାବେଳେ ରୁଷା, ବେଳ ବୁଡ଼େ କୋଳାକୋଳି ! ଏଇଟା କୋଉ କଳି ? ଆହେ ବାବୁ, ଘର କରିଥିଲେ ପଥର ପଡିଲେ ସହି। ବୁଝିଲ ! ଉଠ ଉଠ। ଯାଅ। ନିତ୍ୟକର୍ମ ସାରି ଖାଅ ! ହେ ଭାଉଜ ! ମୋ ପାଇଁ ଟିକେ ଚା' କର ! ଭାଉଜ ଯିବା ଆଗରୁ କହିଲେ, ହେଇଟି, ତମ ଅଫିସ ବନ୍ଧୁ ଜଇନବାବୁଙ୍କଠାରୁ କିଛି ଶିଖ ! ଭାଉଜ ଚା' କରିବାକୁ ଯିବା ପରେ, ଜଇନବାବୁ ଅଯାଚିତ ଉପଦେଶ ଦେଇ ଚାଲିଲେ। କହିଲେ, ଆରେ ଭାଇ ! ଧୈର୍ଯ୍ୟ ସବୁଠୁ ବଡ଼ ଜିନିଷ। ଧୈର୍ଯ୍ୟ ଭଳିଆ ସଦ୍‌ଗୁଣ ଜଗତରେ ଆଉ କିଛି ନାହିଁ। ଆମେ ତ ତାଙ୍କ ହାତ ଧରିବାକୁ, ଘରକୁ ଆଣିବାକୁ ଶହେ ଉପରେ ଭଦ୍ର–ବରଯାତ୍ରୀଙ୍କୁ ସାଙ୍ଗରେ ନେଇ, ବାଣ ନିଶାଣ ଫୁଟେଇ, ବ୍ରାହ୍ମଣ ପୁରୋହିତ, ବାରିକଙ୍କ ସହିତ ପିତୃଦେବଙ୍କ ସହଯୋଗରେ ତାଙ୍କ ଗଳାରେ ମୋଟା ଗଜରା ହାର, ସୁନା ହାର ଲମ୍ବେଇ ଆମ ଘରକୁ ଆଣିଲେ। ସିଏ ତ ତାଙ୍କ ମନକୁ ଆସି ନ ଥିଲେ ନା ! ଏତିକିବେଳେ ଶାର୍ଟ ଖୋଲି କହିଲେ, ଦେଖ ଅତୁଳ ବାବୁ ମୋ ପିଠିକି। ବାଡ଼ି ଆଉ ବେଲେଣା କାଠିରେ ଗୋବା ମାରି ଯମୁନା ଭାଉଜ ପିଟିବାର ଅନେକ ନୂତନ ପୁରାତନ ଶୁଭ ସଂକେତମାନ । ତଥାପି ମୋ ଧୈର୍ଯ୍ୟ ଗୁଣ ମତେ ଜିତେଇଛି, ଯମୁନା ହାରିଛି। କେତେ ପିଟିଲେ ପିଟୁ, ମୋ ସହିବା ଶକ୍ତି ତଥା ଧୈର୍ଯ୍ୟଗୁଣ ଓ ଆମ୍ ସମ୍ମାନ ଜଗି ମୁଁ ଜମା ପାଟିକରି ପଡୋଶୀଙ୍କୁ ଜଣେଇ ଦେଇନାହିଁ। ବରଂ କହିଛି, ଯେତେ ଗାଳି ଦେବୁ ଦେ, ମାତ୍ର ସଂସ୍କୃତ ଭାଷା ଆଗ ଶିଖିକି ଗାଳି ଦେ



। ଯେମିତି ପଡୋଶୀ ଭାବିବେ, ଯମୁନା ଜଣେ ଭକ୍ତିମତି ନାରୀ। ପୂଜା ପାଠ କରୁଛି, ସଂସ୍କୃତ ଶିଖିଛି, ଦେଖ କେମିତି ଶ୍ଳୋକ ଉଚ୍ଚାରଣ କରୁଛି ! ସେ ବି ମୋ କଥାରେ ରାଜି ହୋଇଛି। ଆଉ ଏ ଅଳି ଭାଉଜଙ୍କର କଳି, ଜାଣ ଦାଣ୍ଡର ଧୂଳି। ପୁଣି ଘଡ଼ିକରେ ହେବ କୋଳାକୋଳି। ତା'ପରେ କ'ଣ କ'ଣ ହେଲା ଆମ୍ଭଙ୍କୁ ଜଣା ନାହିଁ। ମାତ୍ର ପନ୍ଦର ଦିନ ପରେ, ଅତୁଳ ବାବୁ କହିଲେ, ହେ ଜଇନ ଭାଇ, ତମ ଗୋଡ଼ତଳେ ପଡୁଛି, ଆଉ ଆମ ଘରକୁ କି ଆଉକାହା ଘରକୁ ଉପଦେଷ୍ଟା–ମୁରବି ସାଜି ଯିବନାହିଁ । ଜଇନବାବୁ ଆଁ ଟା କରି ଅନେଇଁ ପଚାରିଲେ, କାହିଁ , କ'ଣ ହେଲା କି ? ତେମେ ଉପାସେ ଭୋକେ ରୁଷକି ଶୋଇଥିଲ। ମୁଁ ଯାଇ ବୁଝେଇଲାରୁ ଖାଇଲ। ଅଥଚ.. ! କଥା ଛଡେଇ ନେଇ ଅତୁଳବାବୁ କହିଲେ, ହେ ରଖ ହେ ତମ ଉପଦେଶ । ତମର ଓ ଯମୁନା ଭାଉଜଙ୍କର ଯେଉଁ ମଧୁର ସମ୍ପର୍କର ଉଦାହରଣ ଦେଇ ଆମ ଘରେ ବିହନ ଗଣ୍ଡେ ବୁଣିଦେଇ ଆସିଲ, ତା'ର ସପ୍ତାହ ପରେ ଗଜା ଗଜୁରି, ଗଛ ବଢ଼ି ଏମିତି ଫଳ ଫଳୁଛି ଯେ, ଅଳି ହାତରୁ ସେଇ ଫଳ ଗଳି ମୋ ଦେହରେ ମୁଣ୍ଡରେ ବୋଝ ହୋଇ ଓହଳି ପଡ଼ିଲାଣି । ସେ ଯମୁନା ଭାଉଜଠାରୁ ବି ବଳି ଗଲାଣି ! ତମରି ଧୈର୍ଯ୍ୟ ଗୁଣ ଉଦାହରଣ ଦେଇ ଟିକେ ଟିକେ କଥାରେ ଭଲ ତାଳରେ ମୋ ପିଠିରେ ବଜେଇଲାଣି ! ବେଳେବେଳେ ଓଉ ଫଳାଉଛି। ନା ମୁଁ ସହି ପାରୁଛି ନା କାହାକୁ କହିପାରୁଛି ! ଆଉ ମୁଁ ଯେବେ ଟିକେ କ'ଣ କହିଲି ରାଗିପାଚି ଶୋଉଛି। ରୋଷେଇ ନ କରିବାରୁ ପାର୍ସଲ ମଗେଇ ଖାଇ ଖୁଆଉଛି !

ଏଇକଥା ଶୁଣି ଜଇନବାବୁ ମୌନ ଭାଙ୍ଗି କହିଲେ, ଆରେ ସିଏ ଯୋଉ ମହତ ଉଦ୍ଦେଶ୍ୟରେ ମତେ ସେଦିନ କହିଲେ, ସେଥିପାଇଁ ତମକୁ ବୁଝେଇଲି ନା। ତାଙ୍କ କହିବା କଥା, ତମେ ଯେବେ ଘରେ ନ ଖାଇ ଉପାସରେ ରହିବ, ତେବେ ଭୋକ ହେଲେ ବାହାରେ ଯାଇ ହୋଟେଲରେ ଶହେ କି ଦୁଇଶହ ଟଙ୍କା ଦେଇ ଖାଇବ। ସେମିତି ହେଲେ ଦିନକୁ ଅତି କମରେ ଯଦି ପାଞ୍ଚଶହ ଖରଚ କରିବ, ତେବେ ଦଶ ଦିନରେ ପାଞ୍ଚ ହଜାରେ, ମାସକୁ ପନ୍ଦର ହଜାରେ ଖର୍ଚ୍ଚ କଲେ, ତାଙ୍କ ଦାମୀ ଶାଢ଼ି କିଣିବାକୁ ଟଙ୍କା କୁଆଡୁ ଆସିବ ? ତେଣୁ ଖାଇବାକୁ ତମକୁ ବୁଝେଇ ଘରେ ଖୁଆଇ ତମ ଟଙ୍କା ବଞ୍ଚେଇଲି ସିନା। ମୋ ପତ୍ନୀ ଯମୁନା ବି ପ୍ରଥମେ ପ୍ରଥମେ ଖାଲି ଗାଳି ଦେଉଥିଲେ। ମୁଁ ରାଗିକି କିଛି କହିଲେ ସିଏ ରୋଷେଇ ନ କରି ରୁଷକି ଶୋଇଲେ, ବାଧ ହୋଇ ପାର୍ସଲ ମଗେଇକି ଖାଉଥିଲୁ। ତେଣୁ ତା'ର ଭଲ ଧାରଣା ହେଲା ଯେ, କଳି ହେଲେ ମୁଁ ରାଗିକି କ'ଣ କହିଲେ, ସେ ଆଉ ରୋଷେଇ ଝମେଲା ନ କରି ଶୋଇବ, ଆଉ ମୁଁ ପାର୍ଶଲ ମଗେଇ ଖୁଆଇବି। ମୁଁ ଯେବେଠୁ ତା' ଅସଲ ଉଦ୍ଦେଶ୍ୟ ବୁଝିଗଲି, ସେ ଗାଳି କଲେ ବି କିଛି କହିଲିନି। ତେଣୁ ସେ ଆଉ ଟିକେ ଆଗକୁ ଆଗେଇ ମତେ ପିଟିବା ଆରମ୍ଭ କଲା, ପିଠି ଫଟେଇଲା। ମୁଁ ଧୈର୍ଯ୍ୟ ଧରି ନୀରବ ରହିଲି। ତେଣୁ ସେ ଆଉ ନ ରୁଷି ବାଧରେ ରୋଷେଇ କଲା। ମୋର ବି ଟଙ୍କା ବଞ୍ଚିଗଲା। ହେଲେ ସେତେବେଳକୁ ପାର୍ସଲ ମଗେଇବା ରୋଗ ଆମ କଲୋନି ପଡ଼ୋଶୀଙ୍କୁ ବ୍ୟାପି ଅଧଠୁ ଅଧିକ ପରିବାରଙ୍କୁ ସଂକ୍ରମିତ ହୋଇ ଯାଇଥିଲା, ଯେବେ କେହି ପଡ଼ୋଶୀ ମୋ ପତ୍ନୀଙ୍କି ପଚାରିଥିଲେ, ତମେ କାହିଁକି ପାର୍ସଲ ମଗେଇ ଖାଉଛ ? ମୋ ପତ୍ନୀ ରାଣ ପକେଇ କହିଥିଲେ, ଯେବେ ସେ କାହାକୁ ନ କହିବେ ତେବେ କହିବେ। ସେଇ କଥାରେ ରାଜି ହେବାରୁ ବିଶ୍ୱାସରେ ତାଙ୍କୁ କହିଥିଲେ ମୋ ସହ କଳି କରିବା ଓ ମୋ ଠୁ କଟୁ କଥା ଶୁଣିବା ପରେ ରାଗି ରୋଷଇ ନ କଲେ, ପାର୍ସଲ ମଗେଇ ଖିଆଯାଏ। ତା' ପରେ ଧୀରେ ଧୀରେ ଏଇ ରୋଗ ମାଡିଚାଲିଲା, ଆଉ କିଛି ମୋ ଭଳିଆ ପିଠିଆ ବଳଦ ପରି ଧୈର୍ଯ୍ୟ ପଣରେ ସହିବାରୁ ସେଇ ପାର୍ସଲ ମଗେଇବା ରୋଗ ବ୍ୟାପିବା ତାଙ୍କ ଘରେ ପସି ପାରିଲାନି।

ଏଥର ଅତୁଳ ବାବୁ କହିଲେ, ମୁଁ ପରା ଏଇ ଭିତରେ ତିନି ତିନିଥର ପାର୍ସଲ ଅର୍ଡର କରି ଖୁଆଇଲାଣି। ତେବେ ଆଜିଠାରୁ ତମରି ଦୀକ୍ଷା ନେଲି। ସଂସାର କରିବାକୁ ହେଲେ ଅଶେଷ ଧୈର୍ଯ୍ୟଗୁଣ ଆବଶ୍ୟକ ଥାଏ ବୋଲି ପୂରା ବୁଝିଗଲି। ହେଲେ, ଆମକୁ ଏଣିକି ଜଗିବାକୁ ପଡିବ, କରୋନା ରୋଗ ଭଳିଆ ଆଉ ଆମ କଲୋନିରେ ଏଇ ପାର୍ସଲ ଅର୍ଡର ରୋଗ ଅଧିକ ନ ବ୍ୟାପୁ। ଦିନେ ଜ୍ୟୋତିଷ ମହାଶୟଙ୍କୁ ଅତୁଳ ଭାଇ ଏଇ ଦୁଃଖ କଥା କହିଲାରୁ, ସେ କହିଲେ, ତମେ ନାମ ରାଶିରେ ଜାତକ ଶୁଝେଇ ବାହା ହେଲାରୁ, ଏମନ୍ତ ଫଳ ଫଳୁଛି। ଯଦି ମୋ ପାଖରେ ଆସି ଜାତକ ଶୁଝେଇ ମ୍ୟାରେଜ କରିଥାନ୍ତ, ତେବେ ଏ ଦଶା ଭୋଗୁ ନ ଥାନ୍ତ !

– ମଙ୍ଗରାଜପର, ପୁରୀ, ମୋ: ୭୦୦୮୧୮୮୮୪୭

## ପୁସ୍ତକ ସମୀକ୍ଷା

### ଗୁରୁ ଦକ୍ଷିଣା

**କାଳିନ୍ଦୀ ଚରଣ ଭଞ୍ଜ, ପ୍ରକାଶକ–ସଂଗ୍ରାମଜିତ୍ ଭଞ୍ଜ**
**ଅନସୂୟା ପବ୍ଲିକେଶନ୍, ଲକ୍ଷ୍ମୀସାଗର, ଭୁବନେଶ୍ୱର–୬, ମୂଲ୍ୟ– ୨୫୦ଟଙ୍କା**

ପୁସ୍ତକରେ ୧୫ଟି ଗପ ରହିଛି। 'ଅନ୍ୟ ଏକ ଡାକମୁନ୍‌ସି' ପ୍ରଥମ ଗପ ହୋଇଥିବାବେଳେ 'ବିବାହ ପାଗଳ' ଗପ ହେଉଛି ଶେଷଗପ। ଗଳ୍ପଗୁଡିକରେ ଗାଳ୍ପିକ କାଳନ୍ଦୀ ଚରଣ ଭଞ୍ଜ ସମାଜରେ କିପରି ନୈତିକତା ବା ମାନବିକତା ହଜିଗଲାଣି ସେ ବିଷୟରେ କହିଛନ୍ତି। ତାଙ୍କ ମତରେ ସମୟର ଏହା ଏକ କୁପ୍ରଭାବ । ଆଜିର ଯୁବପିଢି ବାପା, ଭାଇ, ଭଉଣୀ, ଜେଜେ ମା' ଓ ଜେଜେବାପା ଆଦି ଗୁରୁଜନଙ୍କ ମଧ୍ୟରେ ପ୍ରଭେଦ ଉପଲବ୍ଧି କରିପାରୁ ନାହାନ୍ତି। ଫଳରେ ଆମର ପରମ୍ପରା ଭୁସୁଡି ଯାଉଛି। ଯୌଥ ପରିବାର ଉଜୁଡି ଯାଉଛି। ସହନଶୀଳତା, ମଣିଷପଣିଆ ଅର୍ଥହୀନ ହୋଇଯାଇଛି। ଭଲକୁ ଗ୍ରହଣ ନ କରି ଭେଜାଲକୁ ଗ୍ରହଣ କରାଯାଉଛି। ସେଇଥିପାଇଁ ମଣିଷ ଆଜି ପ୍ରାଚୁର୍ଯ୍ୟ ଓ କୋଳାହଳ ମଧ୍ୟରେ ଥାଇ ବି ନିଃସଙ୍ଗତା ବୋଧରେ ଉବୁଟୁବୁ ହେଉଛି। ଅବକ୍ଷୟମୁଖୀ ସମାଜକୁ ନେଇ ଉକ୍ତ 'ଗୁରୁଦକ୍ଷିଣା' ପୁସ୍ତକ ପ୍ରକାଶିତ । ଗପଗୁଡିକ ବେଶ୍ ଶିକ୍ଷଣୀୟ ଓ ସମାଜ ଉପଯୋଗୀ। ପୁସ୍ତକଟି ପାଠକୀୟ ସ୍ୱୀକୃତି ଲାଭ କରିବ ବୋଲି ଆଶା କରାଯାଏ।




### ଗୁଜବର ଡେଣା

**ଡକ୍ଟର ନିରଞ୍ଜନ ସାହୁ, ପ୍ରକାଶକ– ବ୍ଲାକ ଇଗଲ ବୁକ୍ସ**
**ଡବ୍ଲିନ୍, ୟୁଏସ୍ଏ, ମୂଲ୍ୟ–୨୮୦ ଟଙ୍କା**

ଡକ୍ଟର ନିରଞ୍ଜନ ସାହୁଙ୍କ ଲଳିତ ନିବନ୍ଧ ପୁସ୍ତକ 'ଗୁଜବର ଡେଣା' ପ୍ରକାଶିତ ହୋଇଛି। ଏଥିରେ ୫୦ଟି ଲଳିତ ନିବନ୍ଧ ସ୍ଥାନିତ ହୋଇଛି। ଲେଖାଗୁଡିକ ମଧ୍ୟରୁ କେତେକ ମନନଧର୍ମୀ ଆଉ କେତେକ ସାମାଜିକ ସମସ୍ୟା ଉପରେ ଆଧାରିତ। ପୁସ୍ତକରେ ଏକ ନିବନ୍ଧ ରହିଛି 'ଗୁଜବର ଡେଣା'। ତା'ର ନାମାନୁସାରେ ପୁସ୍ତକର ନାମକରଣ କରାଯାଇଛି। ଲେଖକ ଏହି ନିବନ୍ଧରେ କ୍ଷୋଭ ପ୍ରକାଶ କରି ଲେଖିଛନ୍ତି, ଗୁଜବ ସବୁବେଳେ ଉଦ୍ଦେଶ୍ୟ ପ୍ରଣୋଦିତ। କେବେ ତାହା କେତେକ ଲୋକଙ୍କ ଭିତରେ ଭୟ ସୃଷ୍ଟିକରେ ତ ପୁଣି କେବେ ଘୃଣା ବା ବିଦ୍ୱେଷ ସୃଷ୍ଟି କରେ। ଏପରିକି ଶ୍ରୀରାମଚନ୍ଦ୍ର ଗୁଜବରେ ବିଶ୍ୱାସ କରି ପ୍ରାଣପିୟା ପତ୍ନୀଙ୍କୁ ବିସର୍ଜନ କରିବାକୁ ନିଷ୍ପତ୍ତି ନେଇଥିଲେ। ତେଣୁ ଗୁଜବକୁ ନ୍ୟାୟିକ ପ୍ରକ୍ରିୟାରୁ ମୁକ୍ତ ରଖାଯାଏ। ଶୁଣାକଥାକୁ ବିଚାରାଳୟରେ ପ୍ରାମାଣିକ ତଥ୍ୟ ଭାବରେ ଗ୍ରହଣ କରାଯାଏ ନାହିଁ। ଯୁଦ୍ଧ କ୍ଷେତ୍ରରେ ଶତ୍ରୁ ପକ୍ଷର ମନୋବଳ ଦୁର୍ବଳ କରିବା ପାଇଁ ବହୁ ଗୁଜବ ପ୍ରଚାର କରାଯାଇଥାଏ। ଏହା ରଣନୀତିର ଏକ ଅଂଶ ବିଶେଷ। ଡକ୍ଟର ସାହୁଙ୍କ ପ୍ରବନ୍ଧ ଭିତରେ ବାରି ହୋଇଉଠେ ଏକ ସରଳତା ଓ ଉନ୍ମୁକ୍ତ ଅନ୍ତରଙ୍ଗତା । ତାହା ହିଁ ପ୍ରତିଟି ଆଲେଖ୍ୟର ନିଆରାପଣ । ପୁସ୍ତକଟି ପାଠକାଦୃତି ଲାଭ କରିବ ବୋଲି ଆଶା।



# ଭିଡ଼ିଓ ଗେମ୍ ବଢାଇବ ଦୃଷ୍ଟିଶକ୍ତି!

ପିଲାମାନେ ଭିଡ଼ିଓ ଗେମ୍ ଅଧିକ ସମୟ ଯାଏ ଖେଳିଲେ ବାପାମା’ ସେମାନଙ୍କୁ ରାଗନ୍ତି। କାରଣ ଅଧିକ ସମୟ ଭିଡ଼ିଓ ଗେମ୍ ଖେଳିଲେ ଆଖି ଖରାପ ହେବାର ଆଶଙ୍କା ଥାଏ। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ନିକଟରେ ଜାପାନର ଗବେଷକମାନେ ଗବେଷଣା କରି ଜାଣିବାକୁ ପାଇଛନ୍ତି ଯେ, କିଛି ଭର୍ଚୁଆଲ ରିଆଲିଟି ଭିଡ଼ିଓ ଗେମ୍ ଖେଳିଲେ ଆଖି ଖରାପ ହେବା ପରିବର୍ତ୍ତେ ଦୃଷ୍ଟିଶକ୍ତି ବଢିଥାଏ। କଥାଟି ଅବିଶ୍ୱସନୀୟ ଲାଗୁଥିବ। ହେଲେ ଗବେଷଣା ଅନୁସାରେ ସ୍ୟୁଡୋପିଆ ରୋଗ ସାଧାରଣତଃ ସିଲିଆରୀ ମସଲ୍ ଷ୍ଟ୍ରେଚିଂ, ଡିଷ୍ଟାନ୍ସ ଷ୍ଟେରିଂ ଓ ବାଇନୋକୁଲାର ଷ୍ଟେରିଓକୋପିକ ଭିଜନ୍ ଦ୍ୱାରା ଭଲ ହେଇଥାଏ। ତେଣୁ କ୍ୱାନସେଇ ଗାକୁଇନ ବିଶ୍ୱବିଦ୍ୟାଳୟର ଗ୍ରାଜୁଏଟ୍ ସ୍କୁଲ ଅଫ୍ ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ଗବେଷକମାନେ ଏମିତି ଏକ ଭିଆର ଗେମ୍ ତିଆରି କଲେ ଯାହାକୁ ଖେଳିବା ଦ୍ୱାରା ଏହିସବୁ ଆଖିର ବ୍ୟାୟାମ ହେବ। କାରଣ ଏଥିରେ ପ୍ଲେୟାରଙ୍କୁ କିଛି ଟାରଗେଟ୍ ଦିଆଯାଏ ଯାହାକୁ ଖେଳାଳୀଙ୍କୁ ହିଟ୍ କରିବାକୁ ହୁଏ। ବାରମ୍ବାର ଏହାକୁ ଖେଳିବା ପରେ ଶର୍ଟ ସାଇଟେଡନେସ୍ ବା ମ୍ୟୋପିଆ ଭଲ ହୋଇଥାଏ। ଗବେଷକମାନେ ୧୦ ଜଣିଆ ଗ୍ରୁପ୍ କରି ସେମାନଙ୍କୁ ତିନିଦିନ ଅନ୍ତରାଳରେ ଏହି ଭିଡ଼ିଓ ଗେମ୍ ଖେଳିବାକୁ ଦେଇଥିଲେ। ଆଉ ଦେଖିବାକୁ ପାଇଲେ ସେମାନଙ୍କ ଦୃଷ୍ଟିଶକ୍ତି ଆଗ ଅପେକ୍ଷା ଭଲ ହେଇଯାଇଥିଲା।










ବ୍ୟାକ୍ ପେଜ୍

# ନାକରେ କମଳା ଠେଲି ରେକର୍ଡ

କଥାଟା ଶୁଣି ହସ ଲାଗୁଥିବ। ଭାବୁଥିବେ ଏ ପୁଣି କି ପ୍ରକାରର ରେକର୍ଡ। ହେଲେ ଏହାକୁ ବାସ୍ତବରେ ପରିଣତ କରିବା ଆଦୌ ସହଜ ନୁହେଁ। ଆମେରିକାର ଆଶ୍ରିତା ଫରମ୍ୟାନ୍ ନ୍ୟୁୟର୍କସ୍ଥ ଭ୍ୟାଲୀ ଷ୍ଟ୍ରିମ୍‌ରେ ଥିବା ଗ୍ରୀନ ଏକର୍ସ ମଲ୍‌ରେ ଏହି ରେକର୍ଡ କରିଥିଲେ। ଫରମ୍ୟାନ୍ ଭୂମିରେ ଦୁଇ ହାତ ଗୋଡରେ ଗୁରୁଣ୍ଡିବା ଅବସ୍ଥାରେ ରହି ସାମ୍ନାରେ ଥିବା କମଳାକୁ ନାକରେ ଠେଲି ଠେଲି ଆଗକୁ ବଢିଥିଲେ। କମଳା କିଛି ବାଟ ଗଡିଗଲେ ତାକୁ ପିଛା କରି ତା’ପାଖରେ ପହଞ୍ଚିବା ପରେ ପୁଣି ହାତ ଓ ଆଣ୍ଠୁ ଭୂମିରେ ଲଗାଇ ନାକରେ କମଳାକୁ ଠେଲୁଥିଲେ। ଏହିଭଳିଭାବେ ବାରମ୍ବାର କରି ୨୨ ମିନିଟ ୪୧ ସେକେଣ୍ଡରେ ଏକ ମାଇଲ ବା ପ୍ରାୟ ଦେଢ କି.ମି. ପର୍ଯ୍ୟନ୍ତ କମଳାକୁ ନେଇଥିଲେ। ଏହି ସମୟରେ ତାଙ୍କ କମଳାର ରଙ୍ଗ ସାମାନ୍ୟ ବଦଳି ଲାଲ ରଙ୍ଗର ହୋଇଯାଇଥିଲା। ପରେ ଜାଣିଲେ ତାଙ୍କ ନାକ ଭୂମିରେ ଘଷି ହୋଇ ରକ୍ତ ବାହାରି କମଳାରେ ଲାଗି ତାହା ଲାଲ ହୋଇଯାଇଥିଲା। ଏତେ କଷ୍ଟ କରିବା ପରେ ଯାଇ ସବୁଠୁ କମ୍ ସମୟରେ ନାକରେ କମଳା ଠେଲି ଏକ ମାଇଲ ପର୍ଯ୍ୟନ୍ତ ନେବାର ରେକର୍ଡ କଲେ।

# ୨୪ ଘଣ୍ଟାରେ କଲେ ୭,୦୭୯ ପୁଲ୍ ଅପ୍ସ




ଫିଟ୍ ରହିବା ପାଇଁ ଅନେକେ ପୁଲ୍ ଅପ୍ସ କରନ୍ତି। ଏହାକୁ କରିବା ଯେ, ଆଦୌ ସହଜ ନୁହେଁ ଯିଏ କରିଛି ସେ ଜାଣିଛି। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଜଣେ ମହିଳା ୨୪ ଘଣ୍ଟାରେ ସର୍ବାଧିକ ପୁଲ୍ ଅପ୍ସ କରି ରେକର୍ଡ କରିଛନ୍ତି। ସେ ହେଉଛନ୍ତି ଅଷ୍ଟ୍ରେଲିୟାର ୩୪ ବର୍ଷୀୟା ଓଲିଭିଆ ଭିନସନ୍। ଓଲିଭିଆ ୨୪ ଘଣ୍ଟାରେ ସର୍ବାଧିକ ୭,୦୭୯ ଥର ପୁଲ୍ ଅପ୍ କରି ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି। ତେବେ ୨୪ ଘଣ୍ଟା ପୁଲ୍ ଅପ୍ କରିବାର ଚ୍ୟାଲେଞ୍ଜ ନେବା ପାଇଁ ଓଲିଭିଆଙ୍କ ସ୍ୱାମୀ ତଥା ଫିଟନେସ୍ କୋଚ୍ ତାଙ୍କୁ କହିଥିଲେ। ଓଲିଭିଆ ପ୍ରଥମେ ଏହାକୁ ହସରେ ଉଡେଇ ଦେଇଥିଲେ। ପରେ କିନ୍ତୁ ଏହାକୁ ଗୁରୁତ୍ୱ ଦେଇ କଠିନ ପରିଶ୍ରମ କଲେ। ଆଗରୁ ଏହି ରେକର୍ଡ ୪,୦୮୧ ପୁଲ୍ ଅପ୍ସର ଥିଲା, ଯାହାକୁ ପୋଲାଣ୍ଡର ପାଉଲା ଗୋର୍ଲୋ କରିଥିଲେ। ଆଉ ଓଲିଭିଆ ୨୪ ଘଣ୍ଟାରେ ୭,୦୭୯ ପୁଲ୍ ଅପ୍ସ କରି ପାଉଲାଙ୍କ ରେକର୍ଡ ଭାଙ୍ଗିଲେ।